ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୪ ଶରତ ନାରାୟଣ ବେହେରା
RNI No. 66443/94

Vol.26 | Issue - 9 | 27 February - 05 March 2022 | Sambalpur | Page-12 | Invitation Price Rs.10

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଭ୍ରାତୃପ୍ରତିମ ବିଧାୟକ କିଶୋର ମହାନ୍ତିଙ୍କ ଅକାଳ ବିୟୋଗ ମନରୁ ନ ଲିଭୁଣୁ ପ୍ରାୟ ଦୁଇମାସ ପରେ ଝାରସୁଗୁଡ଼ା ଜିଲ୍ଲାର ଅପ୍ରତିଦ୍ୱନ୍ଦୀ ନେତା ଶ୍ରୀଯୁକ୍ତ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗ ମୋତେ ଗଭୀର ମର୍ମାହତ କରିଛି । ଏହି ଦୁଇ ଜଣ ଜନନେତାଙ୍କ ବିୟୋଗ ଝାରସୁଗୁଡ଼ା ଜିଲ୍ଲାରେ ବିରାଟ ଶୂନ୍ୟତା ସୃଷ୍ଟି କରିଛି ।

ଠାକୁରପଡ଼ା ଭଳି ଏକ ଅନାମଧେୟ ପଲ୍ଲୀରୁ ଆସିଥିବା ଏବଂ ଏକ ସାଧାରଣ ଆଦିବାସୀ କୃଷକ ପରିବାରରେ ଜନ୍ମ ନେଇଥିବା ହେମାନନ୍ଦ ଓଡ଼ିଶାର ଦୁଇ ଦୁଇ ଥର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ । ଅନ୍ୟାୟ ବିରୋଧରେ ସେ ସବୁବେଳେ ସ୍ୱର ଉତ୍ତୋଳନ କରି ଆସିଥିଲେ । ଏପରିକି ଶାସକ ଦଳରେ ଥାଇ ମଧ ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ବିଧାନସଭାରେ ସ୍ୱର ଉତ୍ତୋଳନ କରିବାକୁ ପଛେଇ ନ ଥିଲେ । ଦଳୀୟ ସଙ୍ଗଠନର ରାଜ୍ୟ ମୁଖ୍ୟ, ମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ଓ ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ କୂଟନୀତି, ଅହଂଭାବ ଠାରୁ ଦୂରରେ ଥିବା ଏଇ ନେତାଜଣକ ଆଦି ବାସୀଙ୍କ ସରଳ ଜୀବନଯାପନ ପ୍ରଣାଳୀ ମଧରେ ନିଜକୁ ବାନ୍ଧି ରଖି ପାରିଥିଲେ । ସାଧାରଣ ଜୀବନଚର୍ଯ୍ୟା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବା ଶ୍ରୀ ବିଶ୍ୱାଳ ବିଳାସ ବ୍ୟସନ ଠାରୁ ବହୁ ଦୂରରେ ଥିଲେ । ସ୍ୱଭାବରେ ସ୍ନେହୀ, ପରୋପକାରୀ, ମିଷ୍ଟଭାଷୀ ସରଳତାର ଛାପ ଯେ ଦେଖିଛି ସେ କେବେ ବି ବିଶ୍ୱାସ କରି ପାରିବ ନାହିଁ ଯେ, ଏଇ ବ୍ୟକ୍ତି ଦିନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ସେ ଥିଲେ ଜଣେ ଦରଦୀ ମଣିଷ ଏବଂ ମାନବବାଦର ଉତ୍କୃଷ୍ଟ ପ୍ରତିନିଧି । ନିଜଗାଁ ନିଜମାଟି ଏବଂ ନିଜ ନିର୍ବାଚନମଣ୍ଡଳୀ ପ୍ରତି ଥିଲା ତାଙ୍କର ସ୍ୱତନ୍ତ୍ର ଆକର୍ଷଣ । ସେ ଦିଲ୍ଲୀରେ ଥାଆନ୍ତୁ କି ଭୁବନେଶ୍ୱରରେ ଥାଆନ୍ତୁ ସପ୍ତାହରେ ଥରେ ନିଶ୍ଚିତ ଭାବେ ଗାଁକୁ ଆସି ଘର ତଥା ନିର୍ବାଚନମଣ୍ଡଳୀର ଲୋକମାନଙ୍କର ସୁଖ ଦୁଃଖ ବୁଝୁଥିଲେ ।

ରାଜନୀତିକୁ ଆସିବା ପୂର୍ବରୁ ସେ ଥିଲେ ଜଣେ ସାଧାରଣ ଶିକ୍ଷକ । ତାଙ୍କର ଭିଣୋଇ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ପ୍ରଧାନଙ୍କ ପ୍ରଭାବ ତାଙ୍କ ଉପରେ ପଡ଼ି ସେ ରାଜନୀତି କରିବାକୁ ସ୍ଥିର କରିଥିଲେ । ତେବେ ସରପଞ୍ଚଥିବା ତାଙ୍କର ପିତା ସ୍ୱର୍ଗତ ବାସୁଦେବ ବିଶ୍ୱାଳ ଥିଲେ ତାଙ୍କର ରାଜନୈତିକ ଗୁରୁ । ୧୯୬୭ ଓ ୧୯୭୧ ମସିହାରେ ଦୁଇଥର କିର୍ମିରା ବ୍ଲକର ପ୍ରଥମ ଆଦିବାସୀ ଅଧ୍ୟକ୍ଷ ଥିଲେ । ୧୯୭୧ ମସିହାରେ ସେ ଲଇକେରା ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦିତା କରି ପରାଜିତ ହୋଇଥିଲେ ହେଁ ତାପରବର୍ତ୍ତୀ ନିର୍ବାଚନରେ ୧୯୭୪ ମସିହାରେ କଂଗ୍ରେସ ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦିତା କରି ବିଜୟୀ ହୋଇଥିଲେ । ଲଇକେରା ବିଧାନସଭା ଆସନରୁ ସେ ୬ ଥର ନିର୍ବାଚିତ ହୋଇ ଅବିଭକ୍ତ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ସଂପାଦକ, ସଭାପତି, ପ୍ରଦେଶ କଂଗ୍ରେସ ସଭାପତି, ସ୍ୱାସ୍ଥ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇଥିଲେ । ସେ ଥିଲେ ଓଡ଼ିଶାର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ । ୨୦୦୯ ମସିହାରେ ସେ ସୁନ୍ଦରଗଡ଼ ଲୋକସଭା ଆସନରୁ ନିର୍ବାଚିତ ହୋଇ ଥିଲେ । ଜୀବନର ଅର୍ଦ୍ଧାଧିକ ଊର୍ଦ୍ଧ୍ୱ ସମୟ ଧରି ସେ କ୍ଷମତାରେ ରହିଥିଲେ ମଧ ଅଞ୍ଚଳର ସ୍ୱାର୍ଥ ରକ୍ଷା ପାଇଁ ସର୍ବଦା ସଂଗ୍ରାମ କରି ଆସୁଥିଲେ । ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହନ ଦେବାରେ ସେ ଥିଲେ ଅଗ୍ରଗଣ୍ୟ ।

ସ୍ୱର୍ଗତ ବିଶ୍ୱାଳ ଏପରି ବନ୍ଧୁ ବତ୍ସଳ ଥିଲେ ଯେ, ଥରେ ତାଙ୍କର ସହିତ ବନ୍ଧୁତା ହୋଇଗଲେ ତାଙ୍କୁ ସେ କେବେ ଛାଡନ୍ତି ନାହିଁ । ତାଙ୍କ ସହ ମୋର ମଧ ଥିଲା ଦୀର୍ଘଦିନର ବନ୍ଧୁତ୍ୱ । ତାଙ୍କ ସହ ଦେଖା ନ ହେଲେ ମଧ ସପ୍ତାହେ ଦୁଇ ସପ୍ତାହରେ ଫୋନରେ କଥାବାର୍ତ୍ତା କରି ଦୁଃଖ ସୁଖ ହେଉଥିଲେ । କ୍ଷମତାରୁ ଯିବା ପରେ ସେ ଅଧିକାଂଶ ସମୟ ଗାଁରେ ରହି ଜଣେ ସାଧାରଣ ଚାଷୀ ଭଳି ଚାଷବାସ କରୁଥିଲେ । ଗାଁରେ ଥିବା ବେଳେ ସେ ଯେଭଳି ଜୀବନ ଯାପନ କରୁଥିଲେ ତାହା ଜଣେ ଆଖିରେ ନ ଦେଖିଲେ ବିଶ୍ୱାସ କରିପାରିବ ନାହିଁ । ଦାନ୍ତ ମଜବୁତ ହେବ ବୋଲି ବଉଳ କିମ୍ବା ମହୁଲ କାଠିରେ ଦାନ୍ତ ଘଷିବାଠୁ ଆରମ୍ଭ କରି ତାଙ୍କ ବାରିପଟେ ଥିବା କୂଅଁରୁ ଟେଣ୍ଡାରେ ପାଣି କଢ଼େଇ ଗାଧୋଇବା, ନିଜେ ମୂଲିଆ ମାନଙ୍କୁ ଲଗାଇ ଖଳାରେ ବିରି, ମୁଗ, କୋଳଥ ଆଦି ବଛାଇବାକୁ ମଧ ସେ ଭୁଲୁ ନ ଥିଲେ । ଜମିରେ ମଜୁରିଆଙ୍କୁ କାମରେ ଲଗାଇବା ଓ କେଉଁ କ୍ଷେତ୍ରରେ କେଉଁ ଧାନଚାଷ ହେବ ଏବଂ କେତେ ସାର ଓ କୀଟନାଶକ ଔଷଧ ଲାଗିବ ତାହା ମଧ ସେ ପ୍ରତ୍ୟକ୍ଷ ଭାବେ ବୁଝୁଥିଲେ । ତେବେ ପ୍ରତ୍ୟେକ ଦିନ ସକାଳେ ଘର ବାରଣ୍ଡାରେ ବସି ଲୋକଙ୍କ ଦୁଃଖସୁଖରେ ସାମିଲ ହୋଇ ଯଥାସମ୍ଭବ ସାହାଯ୍ୟ କରୁଥିଲେ । ଗାଁରେ ପ୍ରତ୍ୟେକ ଶିବରାତ୍ରୀରେ ଚବିଶପ୍ରହରୀ ନାମଯଜ୍ଞ କରାଉଥିଲେ । ଗତ କିଛିଦିନ ହେବ ତାଙ୍କ ଗାଁରେ ଶିବ ମନ୍ଦିରକୁ ଭାଙ୍ଗି ତାର ପୁନଃ ନିର୍ମାଣ କରୁଥିଲେ । ମାତ୍ର ବିଡ଼ମ୍ବନା ଯେ, ତାହା ତାଙ୍କ ଜୀବଦ୍ଦଶାରେ ସଂପୂର୍ଣ୍ଣ ହୋଇ ପାରିଲା ନାହିଁ । ଗତ ୧୯୮୭ ମସିହାରେ ବଡ଼ଝିଅ ଘରର ବିବାହ ଦିନ ତାଙ୍କର ଏକମାତ୍ର ପୁଅ ଏକ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ମଧ ସେ ଭାଙ୍ଗି ପଡି ନ ଥିଲେ । ମାତ୍ର ଗତ କିଛିମାସ ତଳେ ତାଙ୍କର ଗୋଟିଏ ଝିଅ ମୃତ୍ୟୁ ବରଣ କରିବାରୁ ସେ ସଂପୂର୍ଣ୍ଣ ଭାଙ୍ଗି ପଡିଥିଲେ । ବାହାରୁ ଜଣା ପଡୁ ନ ଥିଲେ ମଧ ସେ ଅତ୍ୟନ୍ତ ଦୁର୍ବଳ ଅନୁଭବ କରୁଥିଲେ । ଗାଁରେ ରହି ଅସୁସ୍ଥ ହୋଇ ଝାରସୁଗୁଡ଼ାରେ ଚିକିତ୍ସା ପରେ ମଧ ସୁସ୍ଥ ନ ହେବାରୁ ସେ ଭୁବନେଶ୍ୱର ଯାଇଥିଲେ । ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ତାଙ୍କର ବିୟୋଗରେ ଓଡ଼ିଶାବାସୀ ଜଣେ ସାଲିସ ହୀନ ରାଜନୀତିଜ୍ଞଙ୍କୁ ହରାଇଲା । ସମାଜର ଅବହେଳିତ ଅନୁସୂଚୀତ ଜନଜାତି ସଂପ୍ରଦାୟ ପାଇଁ ଲଢ଼େଇ କରୁଥିବା ଜଣେ ଜନନେତାଙ୍କ ସ୍ୱର ସବୁଦିନ ପାଇଁ ବନ୍ଦ ହୋଇଗଲା । ସେହିଭଳି ସାପ୍ତାହିକ 'ସ୍ୱୀକାର' ମଧ ଜଣେ ତାର ଶୁଭେଚ୍ଛୁ ପାଠକଙ୍କୁ ସବୁଦିନ ପାଇଁ ହରାଇଲା । ପରମେଶ୍ୱର ତାଙ୍କର ଅମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଏହି ପ୍ରାର୍ଥନା କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛି ।

**ହେମନ୍ତ କୁମାର ମହାପାତ୍ର**



ସେବା, ତ୍ୟାଗ, ସାଧୁତା, କର୍ମପ୍ରବଣତା, ଦେଶାତ୍ମବୋଧତା, ପରୋପକାରିତା, ହିତୈଷୀ ଗୁଣାବଳୀର ମୂର୍ତ୍ତିମନ୍ତ ପୁରୁଷ

# ହେମାନନ୍ଦ ବିଶ୍ୱାଳଙ୍କୁ

'ସ୍ୱୀକାର'ର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

## ଏ ସଂଖ୍ୟାରେ..


ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କ୍ଷୀର


ଲିଭର୍ ନଷ୍ଟରୁ ବଞ୍ଚାଇବ ଭୃସଙ୍ଗପତ୍ର


କ୍ୟାନସର ଦୂର କରିବ ସୋରିଷ ଶାଗ


ଇମ୍ୟୁନିଟି ବଢ଼ାଇବ ଶୁଖିଲା ଅଁଳା


ଶିମ୍ବର ଉପକାରିତା

# ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ ପ୍ରକାଶ

ସମ୍ବଲପୁର: ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ଦୀର୍ଘବର୍ଷ ଧରି ସ୍ୱର୍ଗତ ବିଶ୍ୱାଳ ସାଧାରଣ ଜୀବନରେ ସକ୍ରିୟ ଥିଲେ । ଲୋକଙ୍କ ପାଇଁ ସେ ଅନେକ କାର୍ଯ୍ୟ କରିଥିଲେ । ସ୍ୱର୍ଗତ ବିଶ୍ୱାଳଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମ୍ବେଦନା ଜଣାଇଛନ୍ତି ।

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗଭୀର ଶୋକ ପ୍ରକଟ କରିବା ସହିତ ଶୋକସନ୍ତପ୍ତ ପରିବାର ଓ ଅନୁଗାମୀମାନଙ୍କୁ ସମବେଦନା ଜଣାଇଛନ୍ତି । ଓଡ଼ିଶାର ପ୍ରଗତିରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱର୍ଗତ ବିଶ୍ୱାଳ ଜନମାନସରେ ଚିର ସ୍ମରଣୀୟ ରହିବେ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରି ଏକ ଶୋକବାର୍ତ୍ତାରେ ସ୍ୱର୍ଗତ ବିଶ୍ୱାଳଙ୍କୁ ଜଣେ ଦକ୍ଷ ଓ ଲୋକପ୍ରିୟ ରାଜନେତା ଭାବେ ବର୍ଣ୍ଣନା କରିଛନ୍ତି । ସମାଜର ଅବହେଳିତ ବର୍ଗର ଲୋକଙ୍କ ଉନ୍ନତି ତଥା ରାଜ୍ୟର ସାମୂହିକ ପ୍ରଗତି ପାଇଁ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦାନ ଜଣାଇବା ସହ ପରଲୋକଗତ ଆତ୍ମାର ସଦଗତି କାମନା କରିଛନ୍ତି ।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ, 'ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଦକ୍ଷ, ବିରଳ ଓ ଅନୁଭବୀ ରାଜନୀତିଜ୍ଞଙ୍କୁ ହରାଇଲା । ରାଜ୍ୟର ବିକାଶ ବିଶେଷ ଭାବରେ ଜନଜାତିଙ୍କ ପାଇଁ ତାଙ୍କର ବିଶେଷ ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ରାଜନୀତି, ଶିକ୍ଷା, କ୍ରୀଡ଼ା, ସାମାଜ ସେବା କ୍ଷେତ୍ରରେ ହେମାନନ୍ଦ ବିଶ୍ୱାଳ ଥିଲେ ଜଣେ ଉଜ୍ଜ୍ୱଳ ନକ୍ଷତ୍ର । ମୁଖ୍ୟମନ୍ତ୍ରୀ ଭଳି ପଦରେ ଦୁଇ ଥର ଅଭିଷିକ୍ତ ହୋଇ ବି ତାଙ୍କ ପାଖରେ ତିଳେ ହେଲେ ଗର୍ବ ନ ଥିଲା । ତାଙ୍କ ଆଶୀର୍ବାଦ ଆଜି ମୋତେ ରାଜନୀତି କ୍ଷେତ୍ରରେ ସଫଳତା ଆଣି ଦେଇଛି । ମୁଁ ଯେତେବେଳେ ଝାରସୁଗୁଡ଼ାରେ ରାଜନୀତି ଆରମ୍ଭ କାଳି ସେ ଥରେ ମୋତେ ତାଙ୍କ ଘରକୁ ଡାକିଥିଲେ ଓ କହିଥିଲେ, 'ନବ ତୁ ଯେମିତି ଗାଁ ଗଣ୍ଡା ବୁଲି ଜନସଂପର୍କ ସ୍ଥାପନ କରୁଛୁ ଏହା ତୋତେ ଦିନେ ନିଶ୍ଚୟ ସଫଳ ରାଜନେତାର ପରିଚୟ ଦେବ । ମୋର ଢାଞ୍ଚାକୁ ତୁ ସଂପୂର୍ଣ୍ଣ ନକଲ କରି ରାଜନୀତି କରୁଛୁ' । ତାଙ୍କ ଆଶୀର୍ବାଦରେ ମୁଁ ପ୍ରଥମ ଥର ବିଧାୟକ ଭାବେ ବିଜୟୀ ହୋଇଥିଲି । କଂଗ୍ରେସ ସଂଗଠନ ସହିତ ରହିବା ବେଳେ ତାଙ୍କଠାରୁ ରାଜନୀତି ସଂପର୍କରେ ଅନେକ କିଛି ଜାଣିବାର ସୁଯୋଗ ପାଇଛି । ତାଙ୍କ ବିୟୋଗ ରାଜନୀତି କ୍ଷେତ୍ରରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିବ ।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ ଜଣେ ଅମାୟିକ ଏବଂ ଜଣେ ଦକ୍ଷ ରାଜନୈତିଜ୍ଞ ବ୍ୟକ୍ତି ଥିଲେ । ସେ ଜଣେ ସ୍ପଷ୍ଟବାଦୀ ରାଜନେତା ରହିଥିଲେ । ସ୍ୱର୍ଗତ ବିଶ୍ୱାଳଙ୍କ ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ।

ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ଓଡ଼ିଶା ରାଜନୀତିର ଅନ୍ୟତମ ଯୁଗପୁରୁଷ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି ହେଲ । ଜଣେ ସରଳ ଓ ଶିଷ୍ଟାଚାରୀ ମଣିଷ ଭାବରେ ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପ୍ରିୟ ଥିଲେ । ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବରେ ସେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଥିଲେ । ସାହସ ଓ ସ୍ୱାଭିମାନ ଉଭୟ ତାଙ୍କର ବ୍ୟକ୍ତିତ୍ୱର ବିଶେଷତ୍ୱ ଥିଲା । ତାଙ୍କ ସ୍ମୃତି ସବୁ ଦିନ ପାଇଁ ଅଭୁଲା ହୋଇ ରହିବ ।

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ, ୧୯୯୦ ମସିହାରୁ ମୁଁ ଯେତେବେଳେ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହେଲି ସେ ଦିନଠୁ ତାଙ୍କ ସହ ମୋର ରାଜନୈତିକ ସମ୍ପର୍କ ଥିଲା । ଧୀରେ ଧୀରେ ତାହା ବନ୍ଧୁତାରେ ପରିଣତ ହୋଇଥିଲା । ସେ ଜଣେ ଆମାୟିକ ବ୍ୟକ୍ତି ଥିଲେ । ସରଳ ହୃଦୟବାନ ବ୍ୟକ୍ତି ଥିଲେ ଓ ସବୁ ବର୍ଗର ଲୋକଙ୍କ ସହ ସମାନ ବ୍ୟବହାର କରୁଥିଲେ । ୩୫ ବର୍ଷ ବୟସରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ବହୁତ କମ ଲୋକ ୬ ଥର ବିଧାୟକ ଓ ଥରେ ସାଂସଦ ହୋଇଥିବା ସୁଯୋଗ ପାଇଛନ୍ତି । ରାଜନୀତି ଜୀବନରେ ସେ ଆଦିବାସୀ, ପଛୁଆବର୍ଗ, ଗରିବ ଶ୍ରେଣୀର ବ୍ୟକ୍ତିଙ୍କ ପାଇଁ ଲଢେଇ କରୁଥିଲେ । ବିଭିନ୍ନ ସମୟରେ ବିଭିନ୍ନ ବିଭାଗର ଦାୟିତ୍ୱ ତୁଲାଇଥିଲେ । ଓଡ଼ିଶା ଜଣେ ଆଗଧାଡ଼ିର ନେତାଙ୍କୁ ହରାଇଛି । ବିଶେଷ କରି ଆଦିବାସୀ ସମାଜ ତାଙ୍କ ଭଳି ଜଣେ ଦକ୍ଷ ନେତାଙ୍କୁ ହରାଇ ମର୍ମାହତ ଏବଂ ତାଙ୍କ ଶୂନ୍ୟସ୍ଥାନ ପୂରଣ କରିବା ଅସମ୍ଭବ ।

ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା କହିଛନ୍ତି ଯେ, ସ୍ୱର୍ଗତ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ଥିବା ସମୟରେ ମୁ ତାଙ୍କ ମନ୍ତ୍ରୀମଣ୍ଡଳରେ କୃଷି ଓ ସମବାୟ ମନ୍ତ୍ରୀ ଥିଲି । ସେ ମନ୍ତ୍ରୀମଣ୍ଡଳକୁ ଅତି ସୁଚାରୁ ରୂପେ ପରିଚାଳନା କରିଥିଲେ । କଳାହାଣ୍ଡିର କରଚଲାରେ ହାତୀ ନଦୀ ଉପରେ ସେତୁ ନିର୍ମାଣ ଭଳି ବହୁ କାର୍ଯ୍ୟ ପାଇ ସେ ସବୁ ଦିନ ମନେ ରହିବେ ।



ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ କହିଛନ୍ତି ଯେ, ହେମାନନ୍ଦ ବିଶ୍ୱାଳ ଜଣେ ଶକ୍ତିଶାଳୀ ଆଦିବାସୀ ନେତା ଓ ଜଣେ ଭଲ ମଣିଷ ଥିଲେ । ତାଙ୍କ ସହିତ ମୋର ଭଲ ସମ୍ପର୍କ ଥିଲା । ସେ ପ୍ରଦେଶ କଂଗ୍ରେସ ସଭାପତି ଥିବା ବେଳେ ମୁଁ ସାଧାରଣ ସମ୍ପାଦକ ଥିଲି । ତାଙ୍କର ବିୟୋଗରେ କଂଗ୍ରେସର ବଡ଼ ଧରଣର କ୍ଷତି ହୋଇଛି ।

ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଶ୍ରୀ ବିଶ୍ୱାଳଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି କହିଛନ୍ତି ଯେ, ହେମା ବାବୁ କେବଳ ପଶ୍ଚିମ ଓଡ଼ିଶାର ନୁହେଁ ସାରା ଓଡ଼ିଶାର ନେତା ଥିଲେ । ଏହି ଅଞ୍ଚଳରୁ ଯାଇ ୨ ଥର ମୁଖ୍ୟମନ୍ତ୍ରୀ ହେବା କମ୍ କଥା ନୁହେଁ । ସରଳ ଜୀବନଯାପନରେ ବିଶ୍ୱାସ କରୁଥିବା ଜଣେ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ନେତାଭାବେ ତାଙ୍କର ଅନେକ ଖ୍ୟାତି ରହିଛି । ଜୀବନର ଶେଷ ପର୍ଯ୍ୟନ୍ତ ବିଭିନ୍ନ ଜନସମସ୍ୟା ସହ ଜଡ଼ିତ ଥିଲେ । ଯଦିଓ ସେ କଂଗ୍ରେସ ଦଳରେ ଥିଲେ, କିନ୍ତୁ ତାଙ୍କ ସହ ମୋର ଘନିଷ୍ଠ ସଂପର୍କ ଥିଲା ।

ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରକାଶ ଚନ୍ଦ୍ର ଦେବତା କହିଛନ୍ତି ଯେ, ୧୯୭୪ ମସିହାରେ ଏକା ସାଂଗରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲୁ । ହେମାନନ୍ଦ ବାବୁ ମୁଖ୍ୟମନ୍ତ୍ରୀ ହେଲେ । ମୋତେ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଲେ । ତାଙ୍କ ସହ ସବୁବେଳେ ଯୋଗାଯୋଗରେ ଥିଲି । ଦୁହେଁ ସୁଖଦୁଃଖ ବିଷୟରେ କଥା ହେଉଥିଲୁ । ତାଙ୍କ ଭଳି ଜଣେ ବିରଳ ରାଜନେତା ଏବଂ ଅମାୟିକ ବ୍ୟକ୍ତିତ୍ୱ ମିଳିବା କାଠିକର ପାଠ ।

ପୂର୍ବତନ ବିଧାୟିକା ତଥା ବିଜେପି ନେତ୍ରୀ ଶ୍ରୀମତୀ ରାଧାରାଣୀ ପଣ୍ଡା କହିଛନ୍ତି ଯେ, ହେମାନନ୍ଦ ବିଶ୍ୱାଳ ପଶ୍ଚିମ ଓଡ଼ିଶାର ଗର୍ବ ଓ ଗୌରବ ଥିଲେ । ସେ ମୁଖ୍ୟମନ୍ତ୍ରୀ ଥିବା ବେଳେ ମୁଁ ଶ୍ରମିକ ନେତା ଭାବରେ ଓରିଏଣ୍ଟ ପେପର ମିଲର ଶ୍ରମିକମାନଙ୍କ ସମସ୍ୟା ନେଇ ତାଙ୍କୁ ଦେଖା କରିଥିଲି । ସେ ଜଣେ ଅତି ସରଳ, ଅମାୟିକ ଓ ସ୍ନେହୀ ମଣିଷ ଥିଲେ । ପଶ୍ଚିମ ଓଡ଼ିଶାର ଲୋକଙ୍କ ଅସୁବିଧା, ସମସ୍ୟାକୁ ଆଲୋଚନା କରିବା ଓ ତାର ସମାଧାନ କରିବା ପାଇଁ ସେ ଅଧିକ ଗୁରୁତ୍ୱ ଦେଉଥିଲେ ଓ ଅଧିକାରୀମାନଙ୍କୁ ଏନେଇ ନିର୍ଦ୍ଦେଶ ମଧ ଦେଇଥିଲେ । ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ସେ ରାଷ୍ଟ୍ରପତିଙ୍କୁ ତ ମଧ ସାକ୍ଷାତ କରିଥିଲେ । ପଶ୍ଚିମ ଓଡ଼ିଶାର ଉନ୍ନତି ପାଇଁ ସେ ସଦାସର୍ବଦା ଆଗ୍ରହ ପ୍ରକାଶ କରୁଥିଲେ । ତାଙ୍କର ବିୟୋଗ ଶୂନ୍ୟସ୍ଥାନ ସୃଷ୍ଟି କରିଛି ।

ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀ ଅଶ୍ୱିନୀ ଗୁରୁ କହିଛନ୍ତି ଯେ, ହେମାନନ୍ଦ ବିଶ୍ୱାଳ ପଶ୍ଚିମ ଓଡ଼ିଶାର ଟାଣୁଆ ଓ ନିର୍ଭୀକ ନେତା ଥିଲେ । ପଶ୍ଚିମ ଓଡ଼ିଶା ପାଇଁ ନ୍ୟାୟ ସଂଗତ ଦାବି ଉପସ୍ଥାପନ କରିବାରେ ଧୁରନ୍ଧର ଏହି ଆଦିବାସୀ ନେତାଙ୍କର ନିଜ ଅଞ୍ଚଳରେ ଅଖଣ୍ଡ ପ୍ରଭାବ ରହିଥିଲା । ଜୀବନର ଶେଷ ପର୍ଯ୍ୟନ୍ତ ସେ ଲୋକଙ୍କ ସମ୍ମାନ ପାଉଥିଲେ । ହେମା ବାବୁ କଂଗ୍ରେସ୍ ଦଳ ପାଇଁ ଏକ ସଂପଦ ଥିଲେ । ସେ କର୍ମୀ ମାନଙ୍କୁ ଯଥେଷ୍ଟ ସମ୍ମାନ ଓ ଶ୍ରଦ୍ଧା କରୁଥିଲେ । ସରକାରୀ ଦଳରେ ଥାଇ ବି ସେ ବିଭିନ୍ନ ପ୍ରସଂଗରେ, ବିଶେଷ କରି ପଶ୍ଚିମ ଓଡ଼ିଶାର ନ୍ୟାୟ ସଂଗତ ଦାବି ଗୁଡ଼ିକୁ ନେଇ ସରକାରଙ୍କୁ କଟୁ ସମାଲୋଚନା କରୁଥିଲେ । ଅତୀତରେ ଅବିଭକ୍ତ ସମ୍ବଲପୁର ଜିଲ୍ଲା କଂଗ୍ରେସ୍ ଓ ପ୍ରଦେଶ କଂଗ୍ରେସ୍ ସଭାପତି ଭାବେ ବି ତାଙ୍କ କାର୍ଯ୍ୟ ଉଲ୍ଲେଖନୀୟ ଥିଲା ।

ବରଗଡ଼ର ପୂର୍ବତନ ବିଧାୟକ ସାଧୁଚରଣ ନେପାକ କହିଛନ୍ତି ଯେ, ସେ ମୋ ରାଜନୈତିକ ଗୁରୁ ଥିଲେ । ତାଙ୍କ ବିୟୋଗ ମୋ ପାଇଁ ଏବଂ ମୋ ପରିବାର ପାଇଁ ଏକ ବଡ଼ କ୍ଷତି । ଜଣେ ସରଳ, ନିଷ୍କପଟ ବ୍ୟକ୍ତି ଥିଲେ । ଜଣେ ମହାନ ଆଦିବାସୀ ନେତା ଭାବେ ସେ ସର୍ବଦା ମନେ ରହିବେ । ବ୍ୟକ୍ତିଗତ ଭାବେ ମୁଁ ଅତ୍ୟନ୍ତ ମର୍ମାହତ । ଈଶ୍ୱରଙ୍କ ଠାରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛି ।

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ଶ୍ରୀ ବିଜୟ କୁମାର ମହାନ୍ତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ବରିଷ୍ଠ କଂଗ୍ରେସ୍ ନେତା ହେମାନନ୍ଦ ଛାତ୍ର ଜୀବନରୁ ମୋର ବନ୍ଧୁ ଥିଲେ । ଏକ ସମୟରେ ଆମେ ପଞ୍ଚାୟତ ସମିତି ଅଧକ୍ଷ ଥିଲୁ । ପରେ ସେ ଓଡିଶା ରାଜନୀତି ଶୀର୍ଷରେ ପହଞ୍ଚି ପାରିଥିଲେ । ସେ କେବଳ ପଶ୍ଚିମ ଓଡିଶା ନୁହେଁ ବରଂ ସମଗ୍ର ଓଡ଼ିଶାର ସ୍ୱାଭାବିକ ଭାବରେ ନେତା ଥିଲେ । ଉଚ୍ଚ ପଦବିର ଅଧିକାରୀ ହୋଇ ମଧ ସେ ତୃଣମୂଳ ସହ ଜଡ଼ିତ ନେତା ଥିଲେ । ପଶ୍ଚିମ ଓଡିଶା ପ୍ରତି ଗୁରୁତ୍ୱ ଦେବା ସହ କୁଚିଣ୍ଡା ଲଇକେରା ଅଞ୍ଚଳର ଉନ୍ନୟନ କ୍ଷେତ୍ରରେ ତାଙ୍କର ଅବଦାନ ସଦା ସ୍ମରଣୀୟ ରହିବ ସରଳ ନିରାଡ଼ମ୍ବର ଜୀବନ ଓ ଅମାୟିକ ବ୍ୟବହାର ତାଙ୍କର ବୈଶିଷ୍ଟ୍ୟ ଥିଲା । ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ।

ପୂର୍ବତନ ସାଂସଦ ସୁଶ୍ରୀ ପ୍ରମିଳା ବହିଦାର ଶ୍ରୀ ବିଶ୍ୱାଳଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ତାଙ୍କୁ ଗରୀବ ଜନତାର ପ୍ରକୃତ ବନ୍ଧୁ ଥିଲେ ବୋଲି କହିଛନ୍ତି ।

ସ୍ୱର୍ଗତ ବିଶ୍ୱାଳଙ୍କର ଅନ୍ୟତମ ଘନିଷ୍ଠ ସହଯୋଗୀ ଶ୍ରୀ ଗୌରୀ ଶଙ୍କର ଦାଶ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ସ୍ୱର୍ଗତ ବିଶ୍ୱାଳ ତାଙ୍କ ପରିବାରର ଜଣେ ସଦସ୍ୟ ଏବଂ ଅଗ୍ରଜ ଭଳି ଥିଲେ । ସମାଜର ନିମ୍ନସ୍ତରର ଲୋକଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସେ ଅହରହ ଉଦ୍ୟମ କରିବା ସାଙ୍ଗକୁ ପଶ୍ଚିମ ଓଡ଼ିଶା ସ୍ୱାର୍ଥରେ ବାଧା ହେଲେ ସେ କେବେ ସାଲିସ୍ କରୁ ନ ଥିଲେ ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଜଣେ ସରଳ, ସଚ୍ଚୋଟ ଓ ବିଶିଷ୍ଟ ଆଦିବାସୀ ନେତା ଥିଲେ । ସ୍ୱର୍ଗତ ବିଶ୍ୱାଳ ବିଭିନ୍ନ ପଦପଦବୀ ସମେତ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ । ଶ୍ରୀ ବିଶ୍ୱାଳଙ୍କ ବିୟୋଗ ଓଡ଼ିଶା ରାଜନୀତି ପାଇଁ ଏକ ବଡ଼ କ୍ଷତି । ଶୋକବାର୍ତ୍ତାରେ ଦିବଙ୍ଗତ ଆତ୍ମାର ସଦଗତି କାମନା କରିବାସହ ପରିବାରବର୍ଗଙ୍କୁ ଶ୍ରୀ ମିଶ୍ର ସମବେଦନା ଜଣାଇଛନ୍ତି ।

ବରଗଡ଼ର ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂ ମଧ ଶ୍ରୀ ବିଶ୍ୱାଳଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଭାଗବତ // ଉଷା ଓ ଅନିରୁଦ୍ଧଙ୍କ ପ୍ରସଙ୍ଗ

ମହାରାଜ ପରୀକ୍ଷିତ ଉଷା-ଅନିରୁଦ୍ଧଙ୍କର ବିବାହ ପ୍ରସଙ୍ଗ ଶୁଣିବା ପାଇଁ କହିଲେ । ଶୁକଦେବ ଏହି ପ୍ରସଙ୍ଗ ବର୍ଣ୍ଣନା କଲେ ।

ବାଣାସୁର ନାମରେ ଜଣେ ମହାନ ଶିବଭକ୍ତ ରାଜା ଥିଲେ । ତାଙ୍କର ଉଷା ନାମରେ ଜଣେ ପରମ ସୁନ୍ଦରୀ କନ୍ୟାଥିଲେ । ଉଷା ଏକଦା ସ୍ୱପ୍ନରେ ଅନିରୁଦ୍ଧଙ୍କୁ ଦେଖିଲେ ଏବଂ ସେହି ସ୍ୱପ୍ନରେ ତାଙ୍କୁ ବିବାହ କରି ଦେଇଥିଲେ । ନିଦ୍ରା ଭଙ୍ଗ ହୋଇଯିବା ପରେ ସେ ଅନିରୁଦ୍ଧଙ୍କୁ ଡାକପକାଇ ଖୋଜିବାରେ ଲାଗିଲେ । ପାଖରେ ଥିବା ସଖୀ ଚିତ୍ରଲେଖା ଉଷାଙ୍କ ଠାରୁ ସମସ୍ତ କଥା ଶୁଣିବା ପରେ କହିଲା, 'ସଖୀ ! କିଛି ଚିନ୍ତା କରନାହିଁ । ମୁଁ ସେହି ପୁରୁଷଙ୍କୁ ନିଶ୍ଚୟ ଖୋଜି ଆଣିବି । ଚିତ୍ରଲେଖା ତା ନିଜ କଳ୍ପନାରେ ଅନେକ ପୁରୁଷଙ୍କ ଚିତ୍ର କରି ଉଷାଙ୍କୁ ଦେଖାଇଲା । ମାତ୍ର ଉଷା କାହାକୁ ହେଲେ ଚିହ୍ନିଲେ ନାହିଁ । ପରିଶେଷରେ ଚିତ୍ରଲେଖା ଅନିରୁଦ୍ଧଙ୍କ ଚିତ୍ର ଅଙ୍କନକରି ଉଷାଙ୍କୁ ଦେଖାଇବା ମାତ୍ରେ ସେ ଲାଜେଇ ଗଲେ । ନିଜ ସଖୀ ଉଷାଙ୍କର ଅନିରୁଦ୍ଧ ଯେ ପ୍ରିୟତମ ଏଥରେ ତା'ର ଆଉ ସନ୍ଦେହ ରହିଲା ନାହିଁ ।

ଚିତ୍ରଲେଖା ଅନିରୁଦ୍ଧଙ୍କୁ ହରଣ କରି ନେଇଯିବା ପାଇଁ ଦ୍ୱାରିକାକୁ ଆସିଲା । ଦ୍ୱାରିକାରେ ସୁଦର୍ଶନ ଚକ୍ର ଚତୁର୍ଦ୍ଦିଗ ଘୂରି ଘୂରି ଜଗିବା କାମ କରୁଥିବା ଦେଖିଲା । ଦ୍ୱାରିକା ଭିତରେ ପ୍ରବେଶ କିପରି କରିବ, ସେ ଚିନ୍ତାରେ ପଡ଼ିଗଲା । ଏହି ସମୟରେ ଚିତ୍ରଲେଖା ନାରଦ ଦ୍ୱାରିକା ଅଭିମୁଖେ ଆସୁଥିବା ଦେଖିବାକୁ ପାଇଲା । ସେ ନାରଦଙ୍କ ପାଖକୁ ଆସି କହିଲା, 'ମହାରାଜ୍ ! ଆପଣ ହେଉଛନ୍ତି ସାଧୁ । ଯିଏ ଅନ୍ୟଙ୍କ ସାଧନା ପୂର୍ଣ୍ଣ କରେ ତାଙ୍କୁ ସାଧୁ କୁହାଯାଏ । ମୁଁ ଚୋରି କରିବା ପାଇଁ ଦ୍ୱାରିକା ଭିତରକୁ ଯିବାକୁ ଚାହୁଁଛି । ଆପଣ ମୋତେ ସାଙ୍ଗରେ ଭିତରକୁ ନେଇଚାଲନ୍ତୁ ।

ନାରଦ ପଚାରିବାରୁ ସେ ଅନିରୁଦ୍ଧଙ୍କୁ ଚୋରାଇ ନେଇଯିବାକୁ ଆସିଥିବା କଥା କହିଲା ।

ଚୋରି ଯଦି କରିବାକୁ ଥାଏ, ତେବେ ଅନିରୁଦ୍ଧଙ୍କୁ ଚୋରି କର । ଅନିରୁଦ୍ଧ ହେଉଛନ୍ତି ମନର ସ୍ୱାମୀ । ଚିତ୍ରଲେଖା ହେଉଛି ମନର ଚିତ୍ରବିଚିତ୍ର ସଂକଳ୍ପ କରୁଥିବା ବୁଦ୍ଧି । ଅନିରୁଦ୍ଧ ହେଉଛି ମନର ସ୍ୱରୂପ । ବୁଦ୍ଧି-ଚିତ୍ରଲେଖା ମନ- ଅନିରୁଦ୍ଧଙ୍କୁ ହରଣ କରିବାକୁ ଯାଉଛି । କିନ୍ତୁ ତାକୁ ସଫଳତା କେବଳ ସେତେବେଳେ ମିଳିବ ଯେତେବେଳେ ନାରଦ ଅର୍ଥାତ୍ ବ୍ରହ୍ମଚର୍ଯ୍ୟର ସହାୟତା ତାକୁ ମିଳିବ । ବୁଦ୍ଧି ହେଉଛି ମନର ଉର୍ଦ୍ଧ୍ୱରେ । ଯଦି ବ୍ରହ୍ମଚର୍ଯ୍ୟ ସାଙ୍ଗରେ ଥିବ ତେବେ ତାହା ମନକୁ ନିୟନ୍ତ୍ରିତ କରିପାରେ । ଯଦି ବ୍ରହ୍ମଚର୍ଯ୍ୟ- ସଂଯମ ପାଳନ କରିବ ତେବେ ମନ ବଶୀଭୂତ ହୋଇ ରହିବ ।

ନାରଦ ସୁଦର୍ଶନ ସହିତ କଥାବାର୍ତ୍ତା କରିବାର ଯୋଜନା କଲେ । ସୁଦର୍ଶନ ସହିତ ଆଳାପ କରି ତାକୁ ଏକ ସ୍ଥାନରେ କିଛି ସମୟ ଅଟକାଇ ଦେଲେ ଚିତ୍ରଲେଖାର କାମ ହୋଇଯିବ । ତେଣୁ ସୁଦର୍ଶନ ପାଖକୁ ଯାଇ ତାକୁ ଡାକିବାରୁ ସୁଦର୍ଶନ କହିଲା, ''ମୋର ଏବେ ବେଳ ନାହିଁ । ପୂରା ଦ୍ୱାରିକାପୁରୀକୁ ଜଗିବାକୁ ଅଛି । ମୁଁ ରହିପାରିବି ନାହିଁ ।'' ନାରଦ କହିଲେ, ''ତୁ ଠିକ୍ କହୁଛୁ ଯେ, କିନ୍ତୁ ତୁ ସହସଙ୍ଗ ବି କରିବା ଉଚିତ ନା ନାହିଁ । ତୁ କ'ଣ କହୁଛୁ ରକ୍ଷା କରୁଛୁ ବୋଲି ? ତୁ କାହାକୁ ରକ୍ଷା କରୁଛୁ ? ସମସ୍ତଙ୍କର ରକ୍ଷକ ହେଉଛନ୍ତି ଶ୍ରୀକୃଷ୍ଣ । ତୁ ହେଉଛୁ ଅଜ୍ଞାନୀ । ସତ୍‌ସଙ୍ଗ କଲେ ତୋର ଅଜ୍ଞାନ ଦୂର ହୋଇଯିବ ।

ଏଣେ ସୁଦର୍ଶନକୁ କଥା କହି ଅଟକାଇ ଦେଇଥିବା ସମୟ ଭିତରେ ଚିତ୍ରଲେଖା ଅନିରୁଦ୍ଧଙ୍କ ଶୟନ କକ୍ଷରେ ପହଞ୍ଚି ଯାଇଥିଲା । ନିଜର ଯୋଗମାୟା ପ୍ରଭାବରେ ସେ ଅନିରୁଦ୍ଧଙ୍କୁ ପଲଙ୍କ ସହିତ ଉଠାଇ ନେଲା । କିନ୍ତୁ ଏପରି ନେଇ ଯାଉଥିବା ସମୟରେ ଗୋଟିଏ ପୁଷ୍ପମାଳା ଉପରୁ ଖସି ପଡ଼ିଲା ଏବଂ ତାହା ସିଧାଯାଇ ସୁଦର୍ଶନଙ୍କ ଉପରେ ପଡ଼ିଲା । ସୁଦର୍ଶନ ଉପରକୁ ଚାହିଁ ଦେଖିଲା, ଏକ ବିମାନ ଆକାଶ ମାର୍ଗରେ ଯାଉଛି । ସେ ନାରଦଙ୍କୁ ପଚାରିଲା, ଆଜ୍ଞା, ଏଇଟା କ'ଣ ଯାଉଛି ? କେହି ଆଉ ଚୋରି କରି କିଛି ନେଇଯାଉ ନାହିଁ ତ ?

ନାରଦ କହିଲେ, ''ତୋର ଏପରି



ଚୋରି ନାରୀ କଥା ମୁଣ୍ଡରେ ପଶିଯାଇଛି ତ, ତେଣୁ ତୁ ଏପରି କଥା ପଚାରୁଛୁ । ମୁଁ ତୋତେ ସବୁକଥା କୁହନ୍ତି, କିନ୍ତୁ ତୁ ତୋ ସ୍ୱାମୀଙ୍କ ଆଜ୍ଞା ବିନା କଥା ଶ୍ରବଣରେ ଅଧିକ ସମୟ ବ୍ୟତୀତ କରିବା ଠିକ୍ ନୁହେଁ । ହୁଏତ କିଛି ଚୋରି ହୋଇଥବ । ତୁ ନିଜେ ଯାଇ ଅନୁସନ୍ଧାନ କର । ହଁ, ମୋ ନା କେଉଁଠି କହିବୁ ନାହିଁ । ନାରାୟଣ ନାରାୟଣ କହି ନାରଦ ସେଠାରୁ ଚାଲିଗଲେ ।

ସକାଳ ହେଲା । ଅନିରୁଦ୍ଧଙ୍କ ନିଦ ଭାଙ୍ଗିବାରୁ ସେ ଏକ ଅପରିଚିତ ସ୍ଥାନରେ ଶୟନ କରିଥିବା ଦେଖିଲେ ।

ଏଣେ ଦ୍ୱାରିକାରେ ହଇଚଇ ହୋଇଗଲା । ଶ୍ରୀକୃଷ୍ଣ ସୁଦର୍ଶନକୁ ଡାକି ହାତପାଖରେ ରଖିଲେ, ଏବଂ ତାକୁ ଗତରାତିର ଘଟଣା ପଚାରିଥିଲେ । ସୁଦର୍ଶନ କହିଲା, 'ମୁଁ ନାରଦଙ୍କ ସହିତ ସତ୍‌ସଙ୍ଗ କରୁଥିଲି । ସେତିକି ବେଳେ ଅନିରୁଦ୍ଧଙ୍କୁ କେହି ଉଡ଼ାଇ ନେଇ ଯାଇପାରି ଥାନ୍ତି ।

କୃଷ୍ଣ ରାଗ ରାଗ ସ୍ୱରରେ କହିଲେ, ''ତୋ କାମ ଜଗିବା ଥିଲା ନା ସତ୍‌ସଙ୍ଗରେ ସମୟ ବ୍ୟତୀତ କରିବା ଥିଲା ?

ଯେ ପର୍ଯ୍ୟନ୍ତ ନାରଦ-ବ୍ରହ୍ମଚର୍ଯ୍ୟର ସଙ୍ଗଲାଭ ହୋଇ ନ ଥିବ, ବୁଦ୍ଧି-ଚିତ୍ରଲେଖା, ଅନିରୁଦ୍ଧ- ମନକୁ ହରଣ କରିପାରିବ ନାହିଁ ।

ଚିତ୍ରଲେଖା ଅନିରୁଦ୍ଧଙ୍କୁ ଉଷାଙ୍କ ଅନ୍ତଃପୁରକୁ ନେଇ ଆସିଲା । ବାଣାସୁର ସବୁକଥା ଜାଣିବା ପରେ ଅନିରୁଦ୍ଧଙ୍କୁ କାରାଗୃହରେ ବନ୍ଦୀ କରିଦେଲା । କୃଷ୍ଣ ସବୁ କଥା ଜାଣିବା ପରେ ସେନା ଧରି ଶୋଣିତପୁରରେ ପହଞ୍ଚି ଗଲେ ।

ବାଣାସୁର ସହିତ ଘୋର ଯୁଦ୍ଧ ହେଲା । ସେ ଥିଲା ଶିବ-ଭକ୍ତ । ତେଣୁ କୃଷ୍ଣ ତାକୁ ପ୍ରାଣରେ ନ ମାରି କେବଳ ତାର ସହସ୍ର ବାହୁ କାଟି ଚତୁର୍ଭୁଜ କରିଦେଲେ । ଉଷା ଓ ଅନିରୁଦ୍ଧଙ୍କର ବିବାହ ହୋଇଗଲା ।

ସକାମକର୍ମ ପାପ ନାଶ କରେ ନାହିଁ । କେବଳ ପ୍ରଭୁଙ୍କ ହେତୁ କରାଯାଇଥିବା କର୍ମ ହିଁ ପାପ ନାଶ କରିପାରେ ।

ନୃଗରାଜା ପ୍ରଚୁର ସତ୍‌କର୍ମ କରିଥିଲେ କିନ୍ତୁ ସେ ସମସ୍ତ ସେ ସକାମ କରୁଥିଲେ । ତେଣୁ ତାଙ୍କର ପାପ ନାଶ ହୋଇପାରି ନଥିଲା । ବ୍ରାହ୍ମଣଙ୍କୁ ଥରେ ଦାନ କରାଯାଇଥିବା ଗାଈକୁ ସେ ଆଉଥରେ ଦାନ କରିଥିଲେ । ତେଣୁ ତାଙ୍କୁ ଏଣ୍ଡୁଅ ଅବତାର ନେବାକୁ ପଡ଼ିଥିଲା । ଅବଶ୍ୟ ପ୍ରଭୁ ତାଙ୍କୁ ଉଦ୍ଧାର କରିଥିଲେ । ପ୍ରଭୁ ହେଉଛନ୍ତି ବ୍ରାହ୍ମଣ୍ୟଦେବ । ଦାନ ଗ୍ରହଣ କରୁଥିବା ବ୍ରାହ୍ମଣର ବାକ୍ୟକୁ ବି ପ୍ରଭୁ ସତ୍ୟରେ ରୂପାନ୍ତରିତ କରିଥାଆନ୍ତି ।

ଦାନ କରାଯାଇଥିବା ବସ୍ତୁକୁ ପୁନର୍ବାର ଗ୍ରହଣ କରାଯାଇ ନ ପାରେ । ଦେବଧନକୁ ବିଳାସ ନିମନ୍ତେ ଉପଯୋଗ କରାଯାଇ ନପାରେ ।

ଆନନ୍ଦ ରାମାୟଣରେ ଗୋଟିଏ ସୁନ୍ଦର କଥା ଅଛି । ଥରେ ରାମଚନ୍ଦ୍ର ଗୋଟିଏ ଶ୍ୱାନ କ୍ରନ୍ଦନ କରୁଥିବା ଶୁଣିବାକୁ ପାଇଲେ । ଏହାର କାରଣ ବୁଝିବା ପାଇଁ ସେ ଲକ୍ଷ୍ମଣଙ୍କୁ କହିଲେ । ଲକ୍ଷ୍ମଣ ଶ୍ୱାନକୁ ପାଖକୁ ଡାକି କ୍ରନ୍ଦନର କାରଣ ପଚାରିଲେ । ଶ୍ୱାନ ଅଭିଯୋଗ କରି କହିଲା, ତାକୁ ଜଣେ ସନ୍ନ୍ୟାସୀ ଢେଲାମାରି ଚାଲିଗଲେ । ଏଥର ଲକ୍ଷ୍ମଣ ସେହି ସନ୍ୟାସୀଙ୍କୁ ଡକାଇ ପଠାଇଲେ । ଲକ୍ଷ୍ମଣ ସନ୍ୟାସୀଙ୍କୁ ଶାନକୁ ଢେଲା ମାରିବାର କାରଣ ପଚାରିଲେ ।

ସନ୍ୟାସୀ କହିଲେ, ''ମୁଁ ଭିକ୍ଷା ଧରି ଯାଉଥିବା ସମୟରେ ସେହି ଶ୍ୱାନ ମୋ ପଛେ ପଛେ ଗୋଡ଼ାଇଲା । ମୋତେ ଯଦି ସେ ଛୁଇଁ ଦେଇଥାନ୍ତା ତେବେ ତାହା ଦୂଷିତ ହୋଇ ଯାଇଥାଆନ୍ତା । ତେଣୁ ତାକୁ ଦୂରେଇ ଦେବା ଉଦ୍ଦେଶ୍ୟରେ ଢେଲା ମାରିଥିଲି ।

ଏ ସମସ୍ତ କଥା ଶ୍ରୀରାମ ତ ଶୁଣୁଥିଲେ, ସେ କହିଲେ, ''ତୁମେ ସନ୍ୟାସ ଗ୍ରହଣ କରିବାରେ ଟିକିଏ ଶୀଘ୍ରତା କରିଦେଇଛ । ଶ୍ୱାନଟି ବିଚରା ଗୋଟିଏ ପଶୁ । ତୁମେ କିନ୍ତୁ ମନର ସହିତ ସନ୍ୟାସ ଗ୍ରହଣ କରିପାର ନାହିଁ । ଏହି ଶ୍ୱାନ ତୁମକୁ ଏବେ ଯେଉଁ ଦଣ୍ଡ ଦେବ ତାହା ତୁମେ ଭୋଗ କରିବାକୁ ହେବ ।

ଶ୍ରୀରାମ ଏଥର ଶ୍ୱାନକୁ ଦଣ୍ଡ ବ୍ୟବସ୍ଥା କରିବା ପାଇଁ କହିଲେ । ଶ୍ୱାନ ସନ୍ୟାସୀଙ୍କ ଦଣ୍ଡ ବ୍ୟବସ୍ଥା କରିବାକୁ ଯାଇ କହିଲା, ପ୍ରଭୁ ! ଏହି ସନ୍ୟାସୀଙ୍କୁ ଏପରି ଏକ ମନ୍ଦିରର ମହନ୍ତ କରି ଦିଅନ୍ତୁ ଯାହାର ଆୟ ଲକ୍ଷ ଲକ୍ଷ ଟଙ୍କା ହେଉଥିବ ।

ଶ୍ରୀରାମ, ଲକ୍ଷ୍ମଣ ଓ ଉପସ୍ଥିତ ଅନ୍ୟ ସଜ୍ଜନମଣ୍ଡଳୀ ଶ୍ୱାନର ଏପରି ବିଚାରରେ ଆଶ୍ଚର୍ଯ୍ୟ-ଚକିତ ହୋଇଗଲେ । ଶ୍ୱାନ ସନ୍ୟାସୀଙ୍କ ପାଇଁ ଦଣ୍ଡ ବ୍ୟବସ୍ଥା କରୁଛି ନା ପୁରସ୍କାର ଦେଉଛି । ଏପରି ଦଣ୍ଡ ବିଧାନ କାହିଁକି କରାଗଲା ବୋଲି ଶ୍ୱାନକୁ ପଚରାଗଲା । ଶ୍ୱାନ କହିଲା, ''ପୂର୍ବଜନ୍ମରେ ମୁଁ ଏକ ବଡ଼ ମନ୍ଦିରର ମହନ୍ତ ଥିଲି । ସେତେବେଳେ ପ୍ରଚୁର ଦେବଧନକୁ ମୁଁ ବିଳାସରେ ବ୍ୟୟ କରି ଦେଇଥିଲି । ଫଳସ୍ୱରୂପ ଏହି ଜନ୍ମରେ ମୋତେ ଶ୍ୱାନ ହେବାକୁ ପଡ଼ିଲା ଏବଂ ଢେଲା ମାଡ଼ ଖାଇବାକୁ ପଡ଼ିଲା ।'

ଦେବଧନ, ମନୀଷୀ ମହାପୁରୁଷ, ବ୍ରାହ୍ମଣ ତଥା ସାଧୁ ସନ୍ଥଙ୍କ ଧନ କେବେ ବି ଆତ୍ମସାତ୍ କରିବା ପାଇଁ ଉଦ୍ୟମ ନ କରୁଥିବା ଉଚିତ । ପ୍ରକୃତ ବ୍ରାହ୍ମଣଙ୍କୁ ପ୍ରଭୁ ଖୁବ୍ ଭଲ ପାଆନ୍ତି । ସେମାନଙ୍କୁ କଦାପି ଅପମାନ କରୁ ନଥିବା ଉଚିତ । ଆଜି କିନ୍ତୁ ଯଦୁବଂଶୀ ହିଁ ବ୍ରାହ୍ମଣଙ୍କୁ, ସନ୍ଥଙ୍କୁ ଅପମାନ କରୁଛି ।

ବଳରାମ ବଣରେ ଦ୍ୱିବିଦ ବାନର, ପୌଣ୍ଡ୍ରକ ତଥା କାଶୀରାଜଙ୍କୁ ବଧ କରିଥିଲେ ।

# ପଶ୍ଚିମ ଓଡ଼ିଶାର ଶାସ୍ତ୍ରୀୟ କଳା ସମ୍ପର୍ଦ୍ଧା

## ବିଭୀଷଣ ପ୍ରଧାନ

ସମ୍ପର୍ଦ୍ଧା ହେଉଛି ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଗାଁ ଏବଂ ସୀମାକୁ ଲାଗିଥିବା ଛତିଶଗଡ଼ ରାଜ୍ୟର କିଛି ଗାଁ ରେ ପରିବେଷିତ ହେଉଥିବା ଏକ ସ୍ୱତନ୍ତ୍ର କଳା । ଏହି କଳା ସମ୍ଭବତଃ ଦେଶର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ । ଏହି କଳାର ବାଦନ ପଦ୍ଧତି ଶାସ୍ତ୍ରସମ୍ମତ ହେଲେ ମଧ ଧର୍ମ ପ୍ରଚାରରୁ ସୃଷ୍ଟ ଏହି ନୃତ୍ୟ କାଳକ୍ରମେ ଲୋକନୃତ୍ୟ ରେ ପରିଣତ ହୋଇଯାଇଛି । ରଥଯାତ୍ରା, ଚନ୍ଦନ ଯାତ୍ରା,ଶୀତଳଷଷ୍ଠୀ, ରାମନବମୀ, ଝୁଲଣ ଯାତ୍ରା, ଦୋଳ ପୂର୍ଣ୍ଣିମା, ରାକ୍ଷୀପୂର୍ଣିମା, ନୂଆଖାଇ ଆଦି ପର୍ବପର୍ବାଣି ରେ ଏହି ସମ୍ପର୍ଦ୍ଧା ଦଳର ଗୀତ ନାଚ ପରିବେଷଣ କରାଯାଏ ।

ସମ୍ପର୍ଦ୍ଧା କଳା ଏକ ପ୍ରାଚୀନ ଗନ୍ଧର୍ବ କଳା ବୋଲି ପୁରାଣରେ ଉଲ୍ଲେଖ ଅଛି । ଭଗବାନ ବିଷ୍ଣୁ ନୃସିଂହ ଅବତାର ହୋଇ ଜନ୍ମ ନେଇଥିବା ସମୟରେ ଦେବ ଓ ଗନ୍ଧର୍ବମାନେ ସମ୍ପର୍ଦ୍ଧା ପରିବେଷଣ କରିଥିଲେ ବୋଲି କୁହାଯାଏ । ଏହି ସମ୍ପର୍ଦ୍ଧା କଳା ବଙ୍ଗ ପ୍ରଦେଶରୁ ଓଡିଶାକୁ ଆଗମନ ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ସମ୍ପର୍ଦ୍ଧା କଳା ର ଅଧିକାଂଶ ଗୀତ ବଙ୍ଗଳା ଭାଷାରେ ଲେଖାଯାଇଛି । ମୁଖ୍ୟତଃ ବଙ୍ଗଳା ଭାଷାର କବି ନରୋତ୍ତମ ଦାସ ଏବଂ ଚଣ୍ଡୀ ଦାସ ଙ୍କ ରଚିତ ଶାସ୍ତ୍ରୀୟ ରାଗ ରାଗିଣୀ ଉପରେ ଆଧାରିତ ଗୀତ ଏଥିରେ ପରିବେଷଣ କରିଥାନ୍ତି । ଏହା ବ୍ୟତୀତ ରଥଯାତ୍ରା ସମୟରେ ଅତିବଡ଼ି ଜଗନ୍ନାଥ ଦାସ ଙ୍କ ଦ୍ୱାରା ରଚିତ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ଙ୍କ ମାହାତ୍ମ୍ୟ, ଘୋଷଯାତ୍ରାର ତାତ୍ପର୍ଯ୍ୟ ଉପରେ ଆଧାରିତ ଓଡ଼ିଆ ଏବଂ ବଙ୍ଗଳା ଭାଷାର ମିଶ୍ରିତ ଗୀତ ଗାଇ ନୃତ୍ୟ ପରିବେଷଣ କରାଯାଏ ।

ଏହି ସମ୍ପର୍ଦ୍ଧା ଲୋକକଳା ରେ ଭ୍ରମାକ୍ଷ୍ୟା ମୃଦଙ୍ଗ, କସ୍ତାଳ (ଝାଞ୍ଜ) ଇତ୍ୟାଦି ବ୍ୟବହାର ହୁଏ । ସାଧାରଣତଃ ପ୍ରତ୍ୟେକ ସମ୍ପର୍ଦ୍ଧା ଦଳରେ ୨୦ ରୁ ଅଧିକା ଜଣ କଳାକାର ଥାଆନ୍ତି । ଯେତିକି ଜଣ ମୃଦଙ୍ଗ ବାଦକ ବଜାନ୍ତି ତାର ୩ ରୁ ୪ ଗୁଣ କସ୍ତାଳ ବାଦକ ଥାଇ ଏହି ସମ୍ପର୍ଦ୍ଧା ଲୋକକଳା ପରିବେଷଣ କରିଥାନ୍ତି । ସମ୍ପର୍ଦ୍ଧା କଳାକାରମାନଙ୍କ ୫ ମନ ୨୫ ପ୍ରକୃତି ଅର୍ଥାତ ତାଳ, ଖୋଳ, ଘୁଙ୍ଗୁର ସହିତ ନୃତ୍ୟର ସମନ୍ୱୟରେ ଏହି ଲୋକକଳା ପୁର୍ଣ ହୁଏ । ସମ୍ପର୍ଦ୍ଧା ଲୋକକଳା ପରିବେଷଣ :- ଏହି ଲୋକକଳାରେ ୪ ଟି ଆଳାପ ଅଛି ଯଥା:- ପ୍ରଲମ୍ଭୋ ଆଦୀଘାତ, ମୁର୍ଚ୍ଛନା, ଚଉତାଳ ।

ଏହି ସମ୍ପର୍ଦ୍ଧା ଲୋକକଳାରେ ବିଭିନ୍ନ ପ୍ରକାର ତାଳ ଏବଂ ମାନ ଅଛି । ଯଥା:- ଚାଲି, ଖେମଟା, ତ୍ରିପଟା, ଦଶପଣିଆ, ଉଠିଆଁ ଉପରୋକ୍ତ ତାଳମାନଙ୍କରେ ବିଭିନ୍ନ ପ୍ରକାରର ଘାଟି ଅଛି ଯଥା: ରାଣୀ ଘାଟି,ମନ୍ଦାରୁଣୀ ଘାଟି,ଉଲ୍ଲୀ ଘାଟି, ରଙ୍ଗୁଣୀ (ଗରଲ) ଘାଟି । ସେହିପରି ପ୍ରତ୍ୟେକ ଘାଟି ର ବିଭିନ୍ନ ପ୍ରକାର ଦିଶା ଅଛି ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

# ‘ରାଇଟିଂ ଉଇଥ ଫାଏର’

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ହ**ଲିଉଡ଼ଭିତ୍ତିକ ‘ଏକାଡ଼େମୀ ଅଫ ମୋସନ ପିକଚର ଆର୍ଟ୍ସ ଏଣ୍ଡ ସାଇନସେସ’ର ୯୪ତମ ବାର୍ଷିକ ଚଳଚ୍ଚିତ୍ର ପୁରସ୍କାର ୨୦୨୨ ପ୍ରତିଯୋଗିତାରେ ‘ଡକ୍ୟୁମେଣ୍ଟରୀ ଫିଚ଼ର’ ବର୍ଗରେ ଭାରତ ନିର୍ମିତ ଚଳଚ୍ଚିତ୍ର ‘ରାଇଟିଂ ଉଇଥ ଫାଏର’ ମନୋନୀତ ‘ନୋମିନେଟ’ ହୋଇଛି । ସାଧାରଣରେ ‘ଓସ୍କାର’ ପୁରସ୍କାର ରୂପେ ପରିଚିତ ପ୍ରତିଯୋଗିତାରେ ପ୍ରାମାଣିକ ଚଳଚ୍ଚିତ୍ର ଭାବେ ଚୂଡ଼ାନ୍ତ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବା ଏହା ପ୍ରଥମ ଭାରତୀୟ ଚଳଚ୍ଚିତ୍ର । ଓସ୍କାର ପୁରସ୍କୃତ ସଙ୍ଗେ ଶେଷ ପର୍ଯ୍ୟାୟ ମନୋନୟନକୁ ମଧ ସମ୍ମାନଜନକ ବିଚାର କରାଯାଏ । ବିଗତ ୯୩ ବର୍ଷର ଇତିହାସରେ ତେର ଜଣ ଭାରତୀୟ ବିଭିନ୍ନ ବର୍ଗରେ ଚୂଡ଼ାନ୍ତ ପ୍ରତିଯୋଗିତାକୁ ମନୋନୀତ ହୋଇଥିବା ସ୍ଥଳେ ଆଠଜଣ ପୁରସ୍କୃତ ହୋଇଛନ୍ତି ।

ଆନ୍ତର୍ଜାତିକ ସ୍ତରରେ ‘ଏକାଡ଼େମୀ ଅଫ ମୋସନ ପିକଚ଼ର ଆର୍ଟ୍ସ ଏଣ୍ଡ ସାଇନସେସ’ ଗୁଣାତ୍ମକ ଚଳଚ୍ଚିତ୍ର ଚୟନ କ୍ଷେତ୍ରରେ ପ୍ରସିଦ୍ଧ । କ୍ରମାଗତ ଭାବେ ୧୯୨୯ ମସିହାରୁ ଦୀର୍ଘ ନଅ ଦଶନ୍ଧିରୁ ଅଧିକ ସମୟ ଧରି ଏହାର ବାର୍ଷିକ ପୁରସ୍କାର ସର୍ବତ୍ର ଗଣମାଧମର ଦୃଷ୍ଟି ଆକର୍ଷଣ କରିଥାଏ । ଏକାଡ଼େମୀ ପୁରସ୍କାର ଅନୁଷ୍ଠାନର ସଦସ୍ୟମାନଙ୍କ ଭୋଟ ଦ୍ୱାରା ନିର୍ବାଚନ କରାଯାଏ । ସେମାନଙ୍କ ପାଇଁ ସମସ୍ତ ଚଳଚ୍ଚିତ୍ର ପ୍ରଦର୍ଶନର ବ୍ୟବସ୍ଥା ହୋଇଥାଏ । ପ୍ରେକ୍ଷାଳୟ ପ୍ରଦର୍ଶନ ବ୍ୟତୀତ ମହାମାରୀରୁ ଡିଜିଟାଲ ଷ୍ଟ୍ରୀମିଂର ମଧ ବ୍ୟବସ୍ଥା କରାଯାଇଛି । ଏକାଡ଼େମୀରେ ୨୦୧୮ ସୁଦ୍ଧା ସାତ ହଜାର ସଦସ୍ୟ ରହିଥିଲେ । ଚଳଚ୍ଚିତ୍ର ଶିଳ୍ପର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରୁଥିବା ବ୍ୟକ୍ତିବିଶେଷଙ୍କୁ ଏକାଡ଼େମୀ ପକ୍ଷରୁ ସଦସ୍ୟ ପଦ ଗ୍ରହଣ କରିବା ନିମନ୍ତେ ନିମନ୍ତ୍ରଣ କରାଯାଇଥାଏ । ପ୍ରତିବର୍ଷ କିଛି ନୂତନ ସଦସ୍ୟ ସାମିଲ ହୋଇଥାନ୍ତି ।

ଓସ୍କାର ପୁରସ୍କାର ନିମନ୍ତେ ଡକ୍ୟୁମେଣ୍ଟରୀ ଫିଚ଼ର ବର୍ଗରେ ‘ରାଇଟିଂ ଉଇଥ ଫାଏର’ ଅନ୍ୟ ଚାରିଗୋଟି ଚଳଚ୍ଚିତ୍ର ସହ ମୁକାବିଲା କରିବ । ‘ରାଇଟିଂ ଉଇଥ ଫାୟର’ ଭାରତର ଉତ୍ତର ପ୍ରଦେଶ ତଥା ପଡ଼ୋଶୀ ରାଜ୍ୟଗୁଡ଼ିକରେ ପ୍ରସାରିତ ‘ଖବର ଲହେରିୟା’ ସମ୍ବାଦପତ୍ରର ବିବରଣୀ ଲିପିବଦ୍ଧ ହୋଇଥିବା ସ୍ଥଳେ ଅନ୍ୟ ତିନିଗୋଟି ମଧ୍ୟରୁ ଚୀନରେ ପ୍ରଯୋଜିତ ‘ଆସେନସନ’ ସେଠାକାର ଜନଜୀବନରେ କର୍ମ ସଂସ୍କୃତି ଆଲୋଚ଼ିତ । ସେହିପରି ଯୁକ୍ତରାଷ୍ଟ୍ର ଆମେରିକାର ‘ଆଟିକା’ ଚଳଚ୍ଚିତ୍ରରେ ୧୯୭୧ରେ ଏକ କାରାଗାରରେ ସଂଘର୍ଷର କାହାଣୀ ଓ ‘ସମର ଅଫ ସୋଲ’ ମାର୍କିନ କୃଷ୍ଣକାୟ ବସତିରେ ଆୟୋଜିତ ୧୯୬୯ ‘ହେରଲମ କଲଚ଼ରାଲ ଫେଷ୍ଟିଭାଲ’ର ବିବରଣୀ ଉପସ୍ଥାପିତ । ଡ଼େନମାର୍କର ‘ଫ୍ଲି’ରେ ଜଣେ ବ୍ୟକ୍ତି ବିବାହ ବେଳେ ଶୈଶବରେ ଜଣେ ଶରଣାର୍ଥୀ ରୂପେ ଦେଶକୁ ପହଞ୍ଚିଥିବା ଜାଣିବାକୁ ପାଇବାପର ନାଟକୀୟ ଘଟଣାକ୍ରମ ଏନିମେସନ ମାଧମରେ ପ୍ରଦର୍ଶିତ ।

‘ରାଇଟିଂ ଉଇଥ ଫାଏର’ ସୁସ୍ମିତ ଘୋଷ ଓ ରିଣ୍ଟୁ ଥୋମାସଙ୍କ ଦ୍ୱାରା ପ୍ରଯୋଜିତ ଓ ନିର୍ଦ୍ଦେଶିତ । ଉଭୟ କେରଳ ଭିତ୍ତିକ ଏବଂ ନୂଆଦିଲ୍ଲୀରେ ବସବାସ କରନ୍ତି । ହିନ୍ଦୀ ଭାଷାରେ ୯୪ ମିନଟ ଅବଧିର ପ୍ରାମାଣିକ ଚ଼ିତ୍ରଟି ‘ସନଡ଼େନ୍ସ’ ଚଳଚ୍ଚିତ୍ର ଉତ୍ସବରେ ୩୦ ଜାନୁୟାରୀ ୨୦୧୧ରେ ପ୍ରଦର୍ଶିତ ହୋଇ ‘ସ୍ପେଶାଲ ଜୁରି’ ଓ ‘ଅଡ଼ିଏନ୍ସ ଏୱାଡ଼’ ଦୁଇଗୋଟି ପୁରସ୍କାର ପାଇଥିଲା । ପରବର୍ତ୍ତୀ ବର୍ଷକ ମଧରେ ବିଶ୍ୱବ୍ୟାପୀ ଆୟୋଜିତ ୧୨୦ ଗୋଟି ଚଳଚ୍ଚିତ୍ର ଉତ୍ସବରେ ଅଂଶଗ୍ରହଣ କରିଥିଲା । ‘ରାଇଟିଂ ଉଇଥ ଫାୟର’ ଅନୁଶୀଳନ ତିନିଗୋଟି ଦିଗରୁ ଗୁରୁତ୍ୱପୂର୍ଣ୍ଣ । ପ୍ରଥମତଃ, ପ୍ରାମାଣିକ ଚଳଚ୍ଚିତ୍ରଟି ଓସ୍କାର ପୁରସ୍କାର ନିମନ୍ତେ ମନୋନୀତ ହୋଇଛି । ଦ୍ୱିତୀୟତଃ, ବିଶ୍ୱବ୍ୟାପୀ ସାମ୍ବାଦିକତାର ଭୂମିକାକୁ ନେଇ ଚର୍ଚ୍ଚା ଚାଲିଥିବା ଅବସରରେ ଭାରତୀୟ ସମାଜରେ ଅବହେଳିତ ବର୍ଗ ମହିଳାମାନଙ୍କ ଦ୍ୱାରା ଗୁଣାତ୍ମକ ସାମ୍ବାଦିକତା ବିକାଶଲାଗି ଉଦ୍ୟମ ଚଳଚ୍ଚିତ୍ରଟିର ବିଷୟବସ୍ତୁ । ତୃତୀୟତଃ, ସମ୍ବାଦ ମଞ୍ଚଗୁଡ଼ିକ ପାରମ୍ପରିକ ଆଙ୍ଗିକ ପରିବର୍ତ୍ତନ କରି ଡିଜିଟାଲ ମୁହାଁ ହେଉଥିବା ସମୟରେ ସେଥିରେ ଗ୍ରାମୀଣ ପରିବେଶରେ ନୂତନ ମାଧମ ପ୍ରଯୋଜନା, ପ୍ରସାରଣ ଓ ଉପଭୋକ୍ତାଙ୍କ ଗ୍ରହଣୀୟତାର ମୂଲ୍ୟାୟନ ସମୟ ଉପଯୋଗୀ ମନେ ହୁଏ । ଦିଲ୍ଲୀର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ନିରନ୍ତର ଟ୍ରଷ୍ଟ’ ପ୍ରୋତ୍ସାହନରେ ଉତ୍ତର ପ୍ରଦେଶ ବୁନ୍ଦେଲଖଣ୍ଡ ଅଞ୍ଚଳର ଚ଼ିତ୍ରକୂଟଠାରେ ଦଳିତ ମହିଳାମାନଙ୍କ ଦ୍ୱାରା ୨୦୦୨ରୁ ଏକ ମୁଦ୍ରିତ ଗ୍ରାମ୍ୟ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ ହୋଇଥିଲା । ଅଭିଜ୍ଞ ସାମ୍ବାଦିକମାନଙ୍କ ତତ୍ତ୍ୱାବଧାନ ‘ମେନଟରସିପ’ରେ ସ୍ଥାନୀୟ ମହିଳାମାନେ ସମ୍ବାଦ ସଂଗ୍ରହ, ସମ୍ପାଦନା, ପୃଷ୍ଠାସଜ୍ଜା, ମୁଦ୍ରଣ ତତ୍ତ୍ୱାବଧାନ ଓ ପ୍ରସାରଣ ଦାୟିତ୍ୱ ସଂଭାଳିଥାନ୍ତି । ସମ୍ପାଦନା ଓ ପ୍ରକାଶନ କାର୍ଯ୍ୟ ଛଅ ଜଣ ମହିଳା ତୁଲାଉଥିବା ବେଳେ ପ୍ରାୟ ୨୫ ଜଣ ମହିଳା ସମ୍ବାଦଦାତା ସମ୍ବାଦ ସଂଗ୍ରହ କରିଥାନ୍ତି । ମୁଦ୍ରିତ ସାପ୍ତାହିକୀର ପାଞ୍ଚ ହଜାର ଏବଂ ଡିଜିଟାଲ ମଞ୍ଚରେ ୟୁଟ୍ୟୁବ ଚ୍ୟାନେଲର ପାଞ୍ଚ ଲକ୍ଷ ଗ୍ରାହକ ହିସାବ କରାଯାଏ ।

‘ଖବର ଲହେରିୟା’ ୧୪ ବର୍ଷ ଧରି ମୁଦ୍ରିତ ସମ୍ବାଦପତ୍ର ଆକାରରେ ପ୍ରକାଶିତ ହେବା ପରେ ଉନ୍ନତ ସାମ୍ବାଦିକତା ପରିବେଶରେ ଡିଜିଟାଲ ପରିବର୍ତ୍ତନକୁ ଆଧାର କରି ୨୦୧୩ରେ ନିଜର ୱେବସାଇଟ ଏବଂ ୨୦୧୬ରୁ ଡିଜିଟାଲ ସଂସ୍କରଣ ଆରମ୍ଭ କରିଥିଲା । ମୁଦ୍ରିତ ସମ୍ବାଦପତ୍ରରୁ ସ୍ମାର୍ଟଫୋନଭିତ୍ତିକ ଡିଜିଟାଲ ମଞ୍ଚ ପ୍ରଯୋଜନାର କାହାଣୀ ‘ରାଇଟିଂ ଉଇଥ ଫାଏର’ ପ୍ରମାଣିକ ଚ଼ିତ୍ରରେ ଲିପିବଦ୍ଧ ହୋଇଛି । ‘ଖବର ଲହେରିୟା’ର ମୁଖ୍ୟ ମୀରା ଓ ଦୁଇଜଣ ସହଯୋଗୀ ସୁନୀତା, ଶ୍ୟାମକାଳୀଙ୍କ ସାମ୍ବାଦିକତା ଅନୁଭୂତି ବୃତ୍ତଚ଼ିତ୍ରଟିର ମୂଳ ଭିତ୍ତି । ଗ୍ରାମୀଣ ପରିବେଶରେ ଅଳ୍ପ ଶିକ୍ଷିତ ମହିଳାମାନଙ୍କ ଦ୍ୱାରା ସମ୍ବାଦ ମଞ୍ଚ ପରିଚାଳନା ତଥା ଦୃତ ପରିବର୍ତ୍ତନଶୀଳ ବୈଷୟିକ ପ୍ରଗତି ସହ ସମତାଳ ଦେଇ ଗତିର ଧାରାବିବରଣୀ ବର୍ଣ୍ଣିତ ।

ଭାରତ ଗ୍ରାମବହୁଳ ଏବଂ ଓଡ଼ିଶାରେ ଅଶୀ ପ୍ରତିଶତରୁ ଅଧିକ ପରିବାର ଗ୍ରାମାଞ୍ଚଳ ବାସିନ୍ଦା । ପାରମ୍ପରିକଭାବେ ମୁଦ୍ରଣ ସମ୍ବାଦ ମଞ୍ଚ ଗ୍ରାମାଞ୍ଚଳ ସମ୍ବାଦ ପରିବେଷଣ ଓ ପ୍ରସାରରେ ଆଶା ଅନୁରୂପ ସଫଳତା ହାସଲ କରିପାରି ନଥିବା ସ୍ଥଳେ ଡିଜିଟାଲ ମଞ୍ଚ ନୂତନ ପ୍ରତିଶୃତି ବହନ କରେ । ସମ୍ବାଦ ଆହରଣ ଓ ପ୍ରସାରଣ କ୍ଷେତ୍ରରେ ସମସ୍ତ ନାଗରିକଙ୍କୁ ସାମିଲ ହେବା ସୁଯୋଗ ସୃଷ୍ଟି ଲାଗି ଡିଜିଟାଲ ମଞ୍ଚରେ ବିଶ୍ୱବ୍ୟାପୀ ପରୀକ୍ଷାନିରୀକ୍ଷା ଚାଲିଛି । ଏହି ପରିବେଶରେ ‘ଖବର ଲହେରିୟା’ର କାର୍ଯ୍ୟଧାରା ବୃହତ ଦର୍ଶକଙ୍କଠାରେ ଉପଲବ୍ଧ କରାଇବାରେ ‘ରାଇଟିଂ ଉଇଥ ଫାଏର’ ଏକ ଉଲ୍ଲେଖନୀୟ ଭୂମିକା ବହନ କରିବା ସୁନିଶ୍ଚିତ । ବୃତ୍ତଚ଼ିତ୍ରଟି ‘ଓସ୍କାର’ ପୁରସ୍କାର ମନୋନୟନ ସୋପାନକୁ ଉନ୍ନୀତ ହେବାପରେ ଏହା ଅନେକଙ୍କ ଦୃଷ୍ଟି ଆକର୍ଷଣ କରିବା ସମ୍ଭବ । ଗୁଣାତ୍ମକ ଗ୍ରାମୀଣ ସାମ୍ବାଦିକତା ବିକାଶ ପଥରେ ଏହି ଉପକ୍ରମ ସ୍ୱାଗତଯୋଗ୍ୟ ।

ସୁସ୍ମିତ ଘୋଷ ଓ ରିଣ୍ଟୁ ଥୋମାସ ‘ରାଇଟିଂ ଉଇଥ ଫାଏର’ ଚିତ୍ର ଉତ୍ତୋଳନ ନିମନ୍ତେ ୨୦୧୬ରୁ ୨୦ ପାଞ୍ଚ ବର୍ଷ ବିନିଯୋଗ କରି ବାସ୍ତବ ସ୍ଥିତି ଲିପିବଦ୍ଧ କରିଥିଲେ । ତାଙ୍କରି ଟିମରେ ମାତ୍ର ତିନିଜଣ ସାମିଲ ହେଉଥିଲେ ଏବଂ ସୁଟିଂ ପାଇଁ ଏସଏଲଆର କ୍ୟାମେରା ବ୍ୟବହାର କରୁଥିଲେ । ସୁସ୍ମିତ ଓ ରିଣ୍ଟୁଙ୍କ ଡକ୍ୟୁମେଣ୍ଟରୀ ନିର୍ମାଣ ଅଭିଜ୍ଞତାରୁ ଆମ ରାଜ୍ୟର ଉଦୀୟମାନ ଚଳଚ୍ଚିତ୍ର ନିର୍ମାତାମାନେ କେତେକ ବିଷୟରେ ସ୍ପଷ୍ଟ ହୋଇ ପାରିବେ । ପ୍ରଥମତଃ, ଦୀର୍ଘ ସମୟ ଅବଧିରେ ଡ଼କ୍ୟୁମେଣ୍ଟରୀ ନିମନ୍ତେ ଚ଼ିତ୍ର ଉତ୍ତୋଳନ କଲେ ଆକର୍ଷଣୀୟ ଓ ନାଟକୀୟ ଦୃଶ୍ୟାବଳୀ ‘ଫୁଟେଜ’ ସଂଗ୍ରହ ସମ୍ଭବ । ଗୁଣାତ୍ମକ ଓ ବିଶ୍ୱସନୀୟ ଡକ୍ୟୁମେଣ୍ଟରୀ ନିମନ୍ତେ ଘଟଣାର ପ୍ରାମାଣିକ ତଥ୍ୟ ଉପସ୍ଥାପନ ପ୍ରାଥମିକତା ଦାବି କରିଥାଏ । ଦ୍ୱିତୀୟତଃ, ଡକ୍ୟୁମେଣ୍ଟରୀ ନିର୍ମାଣ ନିମନ୍ତେ ଖର୍ଚ୍ଚ ବହୁଳ ବଜେଟ ବଦଳରେ ଆଧୁନିକ କାରିଗରୀ କୌଶଳ ବ୍ୟବହାର ଯୁକ୍ତିଯୁକ୍ତ । ସୁସ୍ମିତ ପ୍ରଯୋଜନା ଓ ନିର୍ଦ୍ଦେଶନା ସହ ଚ଼ିତ୍ର ଉତ୍ତୋଳନ ଓ ସମ୍ପାଦନା ଦାୟିତ୍ୱ ମଧ ଗ୍ରହଣ କରିଥିଲେ । ଡ଼କ୍ୟୁମେଣ୍ଟରୀ ନିର୍ମାତା ବହୁମୁଖୀ କଳା-କୌଶଳ ଆୟତ୍ତ କରିପାରିଲେ ଖର୍ଚ୍ଚ କାଟ ଓ ଗୁଣବତ୍ତା ବିକାଶ ସଂଭବ ।

ତୃତୀୟତଃ, ସର୍ଜନଶୀଳ ଡକ୍ୟୁମେଣ୍ଟରୀ ନିର୍ମାଣ ନିମନ୍ତେ ଓଡ଼ିଶାକେନ୍ଦ୍ରୀକ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ ସ୍ୱାବଲମ୍ବୀ ‘ସଷ୍ଟେନବଲ ମଡ଼େଲ’ ପ୍ରଣୟନ କରିବାକୁ ପଡ଼ିବ । ଉଦାହରଣରେ କୌଣସି ଶିଳ୍ପାୟନ ନିମନ୍ତେ ଅଞ୍ଚଳବାସୀ ପ୍ରତିରୋଧ କରୁଛନ୍ତି । ଏହି ସଂଗ୍ରାମ ଦୀର୍ଘ କାଳ ଚାଲିପାରେ । ଶେଷରେ ଫଳାଫଳ କ’ଣ ହେବ ଅଜଣା । ଏହି ବିଷୟବସ୍ତୁକୁ ନେଇ ଡକ୍ୟୁମେଣ୍ଟରୀ ପାଇଁ ଅର୍ଥ ନିବେଶ କରିବ କିଏ ? ନିର୍ଦ୍ଦେଶକ କେବଳ ବୃତ୍ତଚ଼ିତ୍ର ନିର୍ମାଣରେ ବ୍ୟସ୍ତ ରହିଲେ ଗୁଜୁରାଣ ମେଣ୍ଟାଇବେ କିପରି ? ସରଳ ବିଚାରରେ ଦୁଇଗୋଟି ଉପାୟ ଉପଲବ୍ଧ । ଏକ ନ୍ୟାସ ସଂସ୍ଥା ଗଠନ କରି ନିର୍ଦ୍ଧାରିତ ବିଷୟରେ ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ ସହାୟତାଲାଗି ସାମୂହିକ ପାଣ୍ଠି ‘କ୍ରାଉଡ଼ ଫଣ୍ଡ’ ସଂଗ୍ରହ କିମ୍ବା ପ୍ରଯୋଜକ ବାହାଘର ଭିଡ଼ିଓ ଫଟୋସୁଟ ଭଳି ବର୍ତ୍ତମାନ ପାଇଁ ଅର୍ଥକାରୀ ବ୍ୟବସାୟରେ କିଛି ସମୟ ବିନିଯୋଗ କରି ଉପାର୍ଜନରେ ନିଜ ସୃଜନ ଜୀବନକୁ ପରିପୃଷ୍ଟ କରିପାରିବେ । ଏହା ଅପ୍ରୀତିକର ବୋଧ ହେଉଥିଲେ ହେଁ ଏହାହିଁ ସ୍ଥାନୀୟ ବାସ୍ତବତା । ପବ୍ଲିକ ରିଲେସନ, ଏଜୁକେସନନାଲ ଓ କର୍ପୋରେଟ ଭିଡ଼ିଓ ନିର୍ମାଣରେ ରୋଜଗାର ସମ୍ଭବ ଥିଲେ ହେଁ ଏଥିରେ ସୃଜନ ଅପେକ୍ଷା ମାର୍କେଟିଂରେ ଉଭୟ ସମୟ ଓ ଦକ୍ଷତା ବିନିଯୋଗ କରିବାକୁ ପଡ଼ିଥାଏ । ଚଳଚ୍ଚିତ୍ରରେ ସରକାରୀ ନିବେଶର ଧାରା ନାହିଁ ଏବଂ ଯଦିବା ଆସେ ତାହା ପ୍ରକୃତ ସୃଜନଶିଳ୍ପୀଙ୍କ ଭାଗରେ ପଡ଼ିବ ନାହିଁ ।

‘ରାଇଟିଂ ଉଇଥ ଫାଏର’ ଦେଶ ଓ ରାଜ୍ୟରେ ଡକ୍ୟୁମେଣ୍ଟରୀ ଚଳଚ୍ଚିତ୍ର ନିର୍ମାଣଲାଗି ପ୍ରୋତ୍ସାହନର ବାତାବରଣ ସୃଷ୍ଟି କରିବା ଆଶା କରାଯାଇପାରେ । ଡକ୍ୟୁମେଣ୍ଟରୀ ଚଳଚ୍ଚିତ୍ର ସାମାଜିକ ପରିବର୍ତ୍ତନରେ ପ୍ରଭାବଶାଳୀ ଭୂମିକା ନିର୍ବାହ କରେ । ବହୁ ସଂଖ୍ୟକ ପ୍ରଯୋଜକ ଓ ନିର୍ଦ୍ଦେଶକ ଦୀର୍ଘକାଳ ନିମନ୍ତେ ଡ଼କ୍ୟୁମେଣ୍ଟରୀ ଚଳଚ୍ଚିତ୍ରରେ ସଂପୃକ୍ତ ରହିଲେ ଏବଂ ଗୁଣାତ୍ମକ ବିକାଶ ନିମନ୍ତେ ଉଚ଼ିତ ମତ୍ତରେ ପଦକ୍ଷେପ ଗ୍ରହଣ କରାଗଲେ ରାଜ୍ୟ ସାଂସ୍କୃତିକ, ସାମାଜିକ ଓ ରାଜନୀତିକ କ୍ଷେତ୍ରରେ ସୁଫଳ ମିଳିବା ସମ୍ଭବପର । ଅନଲାଇନ ପରିବେଶରେ ପାଠ୍ୟ ବଦଳରେ ଦୃଶ୍ୟ-ଶ୍ରାବ୍ୟ ମାଧମପ୍ରତି ଗଣମାଧମ ଉପଭୋକ୍ତା ଆକର୍ଷିତ ହେଉଥିବା ହେତୁ ସାମ୍ବାଦିକତା ଓ ସାହିତ୍ୟରେ ରୁଚି ରଖୁଥିବା ପ୍ରତିଭାଧରମାନେ ଡକ୍ୟୁମେଣ୍ଟରୀ ନିର୍ମାଣ ପ୍ରତି ସୃଜନ ମୋଡ଼ ବଦଳାଇବା ସମୟର ଆହ୍ୱାନ ।

## ଆଜିର ଚିନ୍ତନ

**ପ୍ର**କୃତି ମଧରେ ଠିଆ ହୋଇଥିବା ପୁରୁଷ ହିଁ ପ୍ରକୃତିରୁ ଉତ୍ପନ୍ନ ଗୁଣର କାର୍ଯ୍ୟରୂପ ପଦାର୍ଥମାନଙ୍କୁ ଭୋଗ କରୁଥାଏ ଏବଂ ଏହି ଗୁଣମାନଙ୍କ ସଙ୍ଗ ହିଁ ଏହି ଜୀବାତ୍ମାର ଭଲ ତଥା ମନ୍ଦ ଯୋନିରେ ଜନ୍ମ ନେବାର କାରଣ ହୋଇଥାଏ । ଏହି କାରଣ ଅର୍ଥାତ୍ ପ୍ରକୃତି ଜନିତ ଗୁଣର ସଙ୍ଗ ସମାପ୍ତ ହେବା ପରେ ହିଁ ଜନ୍ମମୃତ୍ୟୁରୁ ମୁକ୍ତି ମିଳିଥାଏ । ସେହି ପୁରୁଷ ସମ୍ପର୍କରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଉଛନ୍ତି- ସେହି ପୁରୁଷ ଉପଦ୍ରଷ୍ଟା ଅର୍ଥାତ୍ ହୃଦୟ ଦେଶର ଅତି ସମୀପ, ହାତଗୋଡ଼, ମନ ଯେତିକି ଆପଣଙ୍କର ସମୀପ ରହିଛନ୍ତି ତାହାଠାରୁ ମଧ ଅଧିକ ସମୀପ ଦ୍ରଷ୍ଟା ରୂପରେ ସ୍ଥିତ ଅଟନ୍ତି । ତାହାଙ୍କ ପ୍ରକାଶରେ ଆପଣ ଭଲ କରନ୍ତୁ ଅଥବା ଖରାପ କରନ୍ତୁ ତାହାଙ୍କର କୌଣସି ପ୍ରୟୋଜନ ନଥାଏ । ସେ ସାକ୍ଷୀ ରୂପରେ ରହିଥାନ୍ତି, ସାଧନାର ସଠିକ୍ କ୍ରମରେ ସଫଳତା ଆସିଯିବା ପରେ ସାଧନାପଥର ପଥିକ କିଛି ଉପରକୁ ଉଠିଥାଏ । ସେହି ଆଡକୁ ଅଗ୍ରସର ହୋଇଥାଏ, ତେବେ ସେହି ଦ୍ରଷ୍ଟାପୁରୁଷଙ୍କ କ୍ରମ ବଦଳି ଯାଇଥାଏ ସେ ଅନୁମନ୍ତ ଅର୍ଥାତ୍ ଅନୁମତି ପ୍ରଦାନ କରିବାରେ ଲାଗିଥାନ୍ତି । ସାଧନା ପଥରେ ପଥିକ ହୋଇ ଆହୁରି ସମୀପବର୍ତ୍ତୀ ହୋଇଗଲେ ସେହି ପୁରୁଷ ଭର୍ତ୍ତା ହୋଇ ଭରଣପୋଷଣ କରିବାରେ ଲାଗିଥାନ୍ତି-ଯେଉଁଥରେ ଆପଣଙ୍କର ଯୋଗମୋକ୍ଷର ବ୍ୟବସ୍ଥା ମଧ କରିଦେଇଥାନ୍ତି । ସାଧନା ଆହୁରି ସୂକ୍ଷ୍ମ ହୋଇଯିବା ପରେ ସେହି ପୁରୁଷ ଭୋକ୍ତା ହୋଇଯାନ୍ତି । ‘‘ଭୋକ୍ତାରଂ ଯଜ୍ଞ ତପସାଂ – ଯଜ୍ଞ ତପ ଦ୍ୱାରା ଯାହା କିଛି ଆପଣଙ୍କର ହୋଇଥାଏ ସେ ସମସ୍ତଙ୍କୁ ଦ୍ରଷ୍ଟା ପୁରୁଷ ଗ୍ରହଣ କରି ନେଇଥାନ୍ତି ଏବଂ ଯେବେ ସେ ସବୁ ଗ୍ରହଣ କରିନିଅନ୍ତି ତାହାର ପର ଅବସ୍ଥାରେ ମହେଶ୍ୱରଃ ମହାନ୍ ଈଶ୍ୱରଙ୍କ ରୂପରେ ପରିଣତ ହୋଇ ଯାଇଥାନ୍ତି । ସେ ପ୍ରକୃତିରୁ ଉର୍ଦ୍ଧ୍ୱକୁ ଚାଲିଯାଇ ପ୍ରକୃତିର ସ୍ୱାମୀ ହୋଇଯାଇଥାନ୍ତି । କିନ୍ତୁ ବର୍ତ୍ତମାନ ପ୍ରକୃତି ଜୀବିତ ରହିଛି । ତେଣୁକରି ସେ ପ୍ରକୃତିର ମାଲିକ ଅଟନ୍ତି । ଏହାଠାରୁ ମଧ ଉନ୍ନତ ଅବସ୍ଥାରେ ସେହିପୁରୁଷ ପରମାତ୍ୟେତି ଚାପ୍ୟୁକ୍ତ ଯେବେ ପରମ ସହିତ ସଂଯୁକ୍ତ ହୋଇଯାନ୍ତି ତେବେ ପରମାତ୍ମା ବୋଲାନ୍ତି । ଏହି ଭାବରେ ଶରୀରରେ ରହି ମଧ ଏହି ପରୁଷ ଆତ୍ମା ପରଃ ହିଁ ଅଟନ୍ତି । ସର୍ବଥା ଏହି ପ୍ରକୃତିରୁ ପରେ ହିଁ ରହିଯାନ୍ତି । ପ୍ରଭେଦ ଏତିକି ହିଁ ଅଟେ ଯେ ପ୍ରାରମ୍ଭରେ ସେ ଦ୍ରଷ୍ଟା ରୂପରେ ଥିଲେ । କ୍ରମଶଃ ଉତ୍‌ଥାନ ହେଉ ହେଉ ପରମକୁ ସ୍ପର୍ଶ କରି ପରମାତ୍ମା ରୂପରେ ପରିଣତ ହୋଇଯାନ୍ତି ।

# ସଂସ୍କାର ପ୍ରିୟ ଭଗବାନ

ମହାଭାରତ କାଳର ଐତିହାସିକ ଅବସରରେ ସମଗ୍ର ବିଶ୍ୱର ନଜର ହସ୍ତିନାପୁରର ସଶକ୍ତ ସାମ୍ରାଜ୍ୟ ଉପରେ ଥିଲା । ତତ୍କାଳୀନ ରାଜବଂଶଗୁଡ଼ିକ ମଧ୍ୟରେ ବିଦ୍ୟମାନ ମହାନ୍ କୁରୁ ରାଜବଂଶ ସର୍ବସମର୍ଥ ଥିଲା । ରାଜ୍ୟରେ ଉପସ୍ଥିତ ଅତିବିଶିଷ୍ଟ ବିଭୂତିମାନଙ୍କ ଶୃଙ୍ଖଳାରେ ଯେଉଁଠି କୁରୁ ରାଜବଂଶର ପ୍ରତିନିଧିତ୍ୱ କରୁଥିବା ପର୍ଶୁରାମଙ୍କ ଶିଷ୍ୟ ଗଙ୍ଗାପୁତ୍ର ଭୀଷ୍ମଙ୍କ ଭଳି ମହାପୁରୁଷ ରାଜ୍ୟର ଅହର୍ନିଶ ସେବାରେ ସମର୍ପିତ ଥିଲେ ତ ସେଠାରେ ମହର୍ଷି ପରାଶରଙ୍କ ପରମ ତେଜସ୍ୱୀ ପୁତ୍ର ମହର୍ଷି ବ୍ୟାସ ଏହି ରାଜ୍ୟକୁ ନିଜର ତପୋବଳରେ ସିଞ୍ଚିତ କରୁଥିଲେ ।

ମହର୍ଷି ବ୍ୟାସଙ୍କ ପୁତ୍ରମାନଙ୍କ ମଧ୍ୟରେ ମହାବଳୀ ଧୃତରାଷ୍ଟ୍ର, ମହାରଥୀ ପାଣ୍ଡୁ ଓ ଶ୍ରେଷ୍ଠ ନୀତିଜ୍ଞ ମହାତ୍ମା ବିଦୁରଙ୍କ ଭଳି ବିଭୂତି ରାଜ୍ୟ ପ୍ରତି ନିଜ ନିଜର ଉତ୍ତରଦାୟିତ୍ୱ କୁଶଳତାପୂର୍ବକ ନିର୍ବାହ କରୁଥିଲେ । ହସ୍ତିନାପୁରର ଭବିଷ୍ୟର କର୍ଣ୍ଣଧାର ଧୃତରାଷ୍ଟ୍ର ଓ ପାଣ୍ଡୁଙ୍କ ପୁତ୍ରମାନଙ୍କ ଶିକ୍ଷଣର କ୍ରମ ସ୍ୱୟଂ ତତ୍କାଳୀନ ସର୍ବଶ୍ରେଷ୍ଠ ଆଚାର୍ଯ୍ୟ କୁଳଗୁରୁ କୃପ ଏବଂ ଦ୍ରୋଣଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା, ଯାହାଙ୍କର ସାରା ସଂସାରରେ ଖ୍ୟାତି ଥିଲା ।

ଏକରୁ ବଳି ଆରେକ ମହାଯୋଦ୍ଧାଙ୍କ ଶୃଙ୍ଖଳାରେ ପାଣ୍ଡୁ ପୁତ୍ରମାନଙ୍କ ମଧ୍ୟରେ ଧର୍ମରାଜ ଯୁଧିଷ୍ଠିର, ମହାବଳୀ ଭୀମ, ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ଅର୍ଜୁନ, ସୁନ୍ଦର ନକୁଳ ଓ ବୁଦ୍ଧିମାନ୍ ସହଦେବ ଉପସ୍ଥିତ ଥିଲେ ତ ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କ ମଧ୍ୟରେ ଶ୍ରେଷ୍ଠ ଗଦାଧାରୀ ଦୁର୍ଯ୍ୟୋଧନ, ମହାବଳୀ ଦୁଃଶାସନ ସମେତ ଶହେ ଭାଇ ହସ୍ତିନାପୁରର ବିଶାଳ ସାମ୍ରାଜ୍ୟର ଗୌରବ ଥିଲେ । ସଂସାରର ଏମିତି କୌଣସି କ୍ଷେତ୍ର ବାକି ନ ଥିଲା, ଯାହାର ବିଶେଷଜ୍ଞ ଏହି ରାଜ୍ୟର ଅଙ୍ଗ ହୋଇ ନ ଥିଲେ ଏବଂ ଯେଉଁ ପ୍ରତିଭାମାନେ ଏହା ଠାରୁ ଅଲଗା ଥିଲେ, ସେମାନଙ୍କର ମଧ୍ୟ ଏହି ଶୋଭାରେ ସମ୍ମିଳିତ ହେବାର ଲାଲସା ରହୁଥିଲା ।

ଦାନବୀର କର୍ଣ୍ଣଙ୍କ ଜ୍ୱଳନ୍ତ ଉଦାହରଣ ଏକଥାର ସାକ୍ଷୀ ଥିଲା, ଯିଏ ନିଜର ବିଶିଷ୍ଟ ପରିଚୟ ଏହି ସାମ୍ରାଜ୍ୟ ଅନ୍ତର୍ଗତ ହିଁ ପ୍ରାପ୍ତ କରିଥିଲେ । ଏହି ସମସ୍ତ ବିଭୂତି ନିଜର ଉପସ୍ଥିତି ଦ୍ୱାରା ହସ୍ତିନାପୁର ସାମ୍ରାଜ୍ୟର ଶୋଭା କେବଳ ବଢ଼ାଉ ନ ଥିଲେ, ବରଂ ନିଜର ଉତ୍କୃଷ୍ଟ ଯୋଗଦାନ ଦ୍ୱାରା ରାଜ୍ୟର ଚତୁର୍ମୁଖୀ ବିକାଶରେ ମଧ୍ୟ ସଂଲଗ୍ନ ଥିଲେ । ଏହାର ପରିଣାମ ସ୍ୱରୂପ ଏହି ସାମ୍ରାଜ୍ୟର ସୀମାର ବିସ୍ତାର ଅନନ୍ତ ଥିଲା ଏବଂ ଭୂଲୋକର ପ୍ରାୟ ସମସ୍ତ ରାଜ୍ୟ ହସ୍ତିନାପୁର ସହିତ ମୈତ୍ରୀର ହାତ ବଢ଼ାଉ ଥିଲେ ।

ଏପରି କରି ସେମାନେ ସ୍ୱୟଂକୁ ସୁରକ୍ଷିତ ଅନୁଭବ କରୁଥିଲେ । ହସ୍ତିନାପୁରର ଏହି ସର୍ବଦୃଷ୍ଟିରୁ ସମ୍ପନ୍ନ ବିଶିଷ୍ଟ ସାମ୍ରାଜ୍ୟ ଏହି ଭୂଲୋକରେ କେବଳ ପୂଜନୀୟ ନ ଥିଲା, ବରଂ



ସମଗ୍ର ବିଶ୍ୱ ପାଇଁ ଉଦାହରଣ ସ୍ୱରୂପ ବି ଥିଲା । ଗୋଟିଏ ଯୁଗରେ ଏତେ ଅଧିକ ସଂଖ୍ୟକ ଅବତାର, ମହାତ୍ମା ଓ ମହାରଥୀଙ୍କ ପର୍ଯ୍ୟନ୍ତ କଥାଟା ସୀମିତ ରହିଥାନ୍ତା ତ କିଛି କଥା ନ ଥିଲା, କିନ୍ତୁ ସ୍ୱୟଂ ନାରାୟଣ ଭଗବାନ ଶ୍ରୀକୃଷ୍ଣଙ୍କର ଏହି ଧରାଧାମରେ ଅବତରଣର ଘଟଣା କୌଣସି ଅପ୍ରତ୍ୟାଶିତ ଈଶ୍ୱରୀୟ ଯୋଜନାକୁ ଦର୍ଶାଉ ଥିଲା ।

ଏହି ସମୟ ବାସ୍ତବରେ କୌଣସି ବିଶେଷ ଅବସର ନେଇ ଆସିଥିଲା, ଯେଉଁଥିରୁ ପରିବର୍ତ୍ତନର ବେଳା ଓ ପ୍ରଭୁଙ୍କ ଲୀଳାର ସ୍ପଷ୍ଟ ସଙ୍କେତ ମିଳୁଥିଲା । ସାଂସାରିକତାରୁ ଉତ୍ପନ୍ନ ରାଜସିକତାରୁ ନିର୍ଲିପ୍ତ ରହି ସାତ୍ତ୍ୱିକତାକୁ କାଏମ ରଖି ପାରିବା କେବଳ ଜନକଙ୍କ ଭଳି ବିଦେହ ଅନାସକ୍ତ କର୍ମଯୋଗୀଙ୍କ ଦ୍ୱାରା ହିଁ ସମ୍ଭବ ହୋଇପାରୁ ଥିଲା । କାରଣ ଯେଉଁଠି ମନରେ ରାଜସିକତାରୁ ନିବୃତ୍ତିର ଭାବ ସାତ୍ତ୍ୱିକତାର ପ୍ରକାଶ ନେଇ ଆସେ ତ ସେଠାରେ ଏହାର ପ୍ରବୃତ୍ତିର ଦୁଷ୍ପରିଣାମ ତାମସିକତାର ଅନ୍ଧକାରକୁ ଜନ୍ମ ଦେଇଥାଏ ଏବଂ ପତନକୁ ଆମନ୍ତ୍ରଣ କରିଥାଏ ।

କପଟି ଶକୁନି ଭଳି ଅରାଜକ ତତ୍ତ୍ୱ ମଧ୍ୟ ସେଠାରେ ନିଜର ପ୍ରଭାବ ଦେଖାଇ ପାରନ୍ତି, ଯେଉଁଠି ତାଙ୍କ ଭଳି ଗୁଣ ପ୍ରକୃତି ସହିତ ମେଳ ଖାଉଥିବା କୁସଂସ୍କାର ବିଦ୍ୟମାନ ଥାଏ । ନରେଶ ଧୃତରାଷ୍ଟ୍ରଙ୍କ ବ୍ୟକ୍ତିଗତ ଉଚ୍ଚ ଆକାଂକ୍ଷାର ଦୁର୍ଭାବ ପୁତ୍ର ଦୁର୍ଯ୍ୟୋଧନ ମାଧ୍ୟମରେ ସ୍ୱତଃ ପ୍ରଦର୍ଶିତ ହେଉଥିଲା, ଯାହାକୁ ଛଳନାକାରୀ ଶକୁନିର ପର୍ଯ୍ୟାପ୍ତ ମାର୍ଗଦର୍ଶନ ପ୍ରାପ୍ତ ଥିଲା । ରାଜ୍ୟର ହିତୈଷୀ ଏହି ମୂଳରୁ ଉତ୍ପନ୍ନ ବୃକ୍ଷର ଫଳର ପରିଣାମ ଭଲ ଭାବରେ ଜାଣିଥିଲେ । କୁରୁ ରାଜବଂଶର ଅଜ୍ଞାନଜନିତ ବିବଶତା ମଧ୍ୟ ରାଜ୍ୟର ପ୍ରଜାଙ୍କ ସମେତ ପ୍ରତିଷ୍ଠିତ ରାଜ୍ୟଗୁଡ଼ିକୁ ଅଛପା ନ ଥିଲା ।

ସେମାନେ ସମସ୍ତେ ହସ୍ତିନାପୁରର ଏହି ଆମନ୍ତ୍ରିତ ଦୁର୍ଭାଗ୍ୟର ହାସ୍ୟାସ୍ପଦ ସ୍ଥିତିର ଦ୍ରଷ୍ଟା ସାଜି ପତନର ତମାସା ଦେଖୁଥିଲେ । ଏହି ସମୟର ସଂସ୍କାରଗୁଡ଼ିକର ପରିମାର୍ଜନ ଯଦି ଏତେ ସହଜ ହୋଇଥାନ୍ତା ତେବେ ସ୍ୱୟଂ ନାରାୟଣଙ୍କୁ ଧରାଧାମରେ ଅବତରଣ କରିବାର ଆବଶ୍ୟକତା କାହିଁକି ଅନୁଭୂତ ହୋଇଥାନ୍ତା ?

ଏହି ପରିସ୍ଥିତିରେ ପ୍ରଶ୍ନ ବ୍ୟକ୍ତିଗତ ସଂସ୍କାରଗୁଡ଼ିକର ପରିମାର୍ଜନର ନ ଥିଲା, ବରଂ ନୂତନ ରୂପେ ସମାଜର ସ୍ଥାପନାର ଥିଲା । ଏହି ସମୟରେ ସମାଜରେ ହୋଇଥିବା ଧର୍ମର କ୍ଷତି ମାନବତାକୁ ଅଧିକ ସମୟ ପର୍ଯ୍ୟନ୍ତ ଜୀବିତ ରଖିପାରି ନ ଥାନ୍ତା । ଧର୍ମର ପ୍ରତିନିଧି ପାଣ୍ଡବଙ୍କ ଉପରେ ଅଧର୍ମର ପ୍ରତୀକ ହୋଇ ସାରିଥିବା କୌରବଙ୍କ ଦ୍ୱାରା ରାଜ୍ୟ ଲୋଭରେ ନିରନ୍ତର କରାଯାଉଥିବା ଅତ୍ୟାଚାରକୁ ଦୀର୍ଘ କାଳ ଧରି ବିନା କୌଣସି ଅଭିଯୋଗରେ ସହ୍ୟ କରିଯିବା ପାଣ୍ଡବମାନଙ୍କ ସହନଶୀଳତାର ପରାକାଷ୍ଠା ଥିଲା, ତଥାପି ପାଣ୍ଡବମାନେ ଯୁଦ୍ଧ ପାଇଁ ମନ ବଳାଇ ନ ଥିଲେ । ଭଗବାନ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ଉପରେ ବର୍ତ୍ତମାନ ସୁଦ୍ଧା ହୋଇ ସାରିଥିବା ଅତ୍ୟାଚାର ଏବଂ ସେମାନଙ୍କ କ୍ଷତିଗ୍ରସ୍ତ ମନଃସ୍ଥିତି ସମ୍ପର୍କରେ ଭଲ ଭାବରେ ପରିଚିତ ଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ମାର୍ଗଦର୍ଶନରେ ଧର୍ମର ଅବଲମ୍ବନ କରି ଆସିଥିବା ପାଣ୍ଡବମାନେ ନିର୍ଣ୍ଣୟ ନେଇଥିଲେ ଯେ ସେମାନେ ଯୁଦ୍ଧ ପାଇଁ ସେତେବେଳେ ତତ୍ପର ହେବେ, ଯେତେବେଳେ ଶାନ୍ତିର ସମସ୍ତ ମାର୍ଗ ବନ୍ଦ ହୋଇଯିବ । ହସ୍ତିନାପୁର ରାଜ୍ୟର ନିରପେକ୍ଷ ମହାମନ୍ତ୍ରୀ ବିଦୁର ଯେତେବେଳେ ଦେଖିଲେ ଯେ ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନ ଅନୀତି କରିବା ଛାଡୁ ନାହାନ୍ତି ତ ସେ ଭାବିଲେ ଏମାନଙ୍କ ସାନ୍ନିଧ ଏବଂ ଏମାନଙ୍କ ଅନ୍ନ ମୋର ବୃଦ୍ଧିଗୁଡ଼ିକୁ ବି ପ୍ରଭାବିତ ଓ ଦୂଷିତ କରିବ । ସେଥିପାଇଁ ସେ ନଗର ବାହାରେ ବନରେ କୁଡ଼ିଆଟିଏ କରି ପତ୍ନୀଙ୍କ ସହିତ ରହିଲେ । ଅତି ସାଧାରଣ ଜୀବନଯାପନ କ୍ରମରେ ବିଦୁର ଜଙ୍ଗଲରୁ ଶାଗ ଛିଣ୍ଡାଇ ଆଣୁଥିଲେ, ତାହାକୁ ସିଝାଇ ଖାଉଥିଲେ ତଥା ସତ୍କାର୍ଯ୍ୟରେ, ପ୍ରଭୁସ୍ମରଣରେ ସମୟ ଲଗାଉ ଥିଲେ ।

ଶାନ୍ତି ମାର୍ଗରେ ଧର୍ମ ସ୍ଥାପନାର ଅନ୍ତିମ ପ୍ରୟାସ କରିବା ପାଇଁ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ, ପାଣ୍ଡବଙ୍କ ପକ୍ଷରୁ ସେମାନଙ୍କର ଶାନ୍ତିଦୂତ ସାଜି ସେମାନଙ୍କ ସକାଶେ ପାଞ୍ଚଟି ଗାଁର ନ୍ୟୁନତମ ଆବଶ୍ୟକତାର ପ୍ରସ୍ତାବକୁ ହସ୍ତିନାପୁର ନରେଶଙ୍କ ସମକ୍ଷରେ ରଖିବା ଉଦ୍ଦେଶ୍ୟରେ ସେଠାରେ ପହଞ୍ଚିଲେ, କିନ୍ତୁ ଦୁର୍ଯ୍ୟୋଧନର ଅହଂକାର ଯୋଗୁଁ ବାର୍ତ୍ତା ଅସଫଳ ହୋଇଗଲା । ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ଶାନ୍ତି ସ୍ଥାପନା ହେତୁ କରାଯାଇଥିବା ପ୍ରୟାସ ଅସଫଳ ହେଲା । ମହାଭାରତର ଭୀଷଣ ଯୁଦ୍ଧ ଏବେ ନିଶ୍ଚିତ ଥିଲା ।

ଲୋକ ବ୍ୟବହାରରେ ଆତିଥ୍ୟର ଶାଳୀନତା ଭଙ୍ଗ କରି ଭଗବାନ ଶ୍ରୀକୃଷ୍ଣ ରାଜକୀୟ ସତ୍କାର ଓ ଭୋଜନର ଆମନ୍ତ୍ରଣକୁ ଅସ୍ୱୀକାର କରି ବିଦୁରଙ୍କ କୁଡ଼ିଆରେ ଯାଇ ପହଞ୍ଚିଲେ । ସେଠାରେ ସେ ଭୋଜନ କରିବାର ଇଚ୍ଛା ପ୍ରକଟ କଲେ । ପ୍ରଭୁଙ୍କୁ ଶାଗ ପରଷିବାକୁ ପଡ଼ିବ ଭାବି ବିଦୁର ସଂକୋଚ କଲେ । ବିଦୁର ଜିଜ୍ଞାସାବଶତଃ ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଲେ – "ଆପଣ ଭୋକିଲା ଥିଲେ, ଭୋଜନର ସମୟ ବି ଥିଲା ଏବଂ ନରେଶଙ୍କ ଅନୁରୋଧ ଥିଲା, ତେବେ ଆପଣ ସେଠାରେ କାହିଁକି ଭୋଜନ କଲେ ନାହିଁ ? ଭଗବାନ ଶ୍ରୀକୃଷ୍ଣ କହିଲେ- କାକା ! ଯେଉଁ ଭୋଜନକୁ ଗ୍ରହଣ କରିବା ଆପଣ ଉଚିତ ମନେକଲେ ନାହିଁ, ଯେଉଁ ଭୋଜନ ଆପଣଙ୍କୁ ରୁଚିଲା ନାହିଁ, ତାହା ମୋତେ କିପରି ରୁଚି ଥାଆନ୍ତା ? ଯେଉଁଥିରୁ ଆପଣ ସ୍ୱାଦ ପାଇଲେ, ସେଥିରୁ ମୋତେ ସ୍ୱାଦ ମିଳିବ ନାହିଁ ବୋଲି ଆପଣ ଭାବୁଛନ୍ତି କିପରି ?

ଭଗବାନ ଶ୍ରୀକୃଷ୍ଣଙ୍କ ଉଦ୍‌ଗାର ଶୁଣି ବିଦୁର ଭାବବିହ୍ୱଳ ହୋଇଗଲେ । ପ୍ରଭୁଙ୍କ ସ୍ମରଣ ମାତ୍ରେ ଆମକୁ ଯେବେ ପଦାର୍ଥ, ସାମଗ୍ରୀ ନୁହେଁ, ବରଂ ସଂସ୍କାର ପ୍ରିୟ ଲାଗେ ତ ସ୍ୱୟଂ ପ୍ରଭୁଙ୍କ ଭୋକ, ପଦାର୍ଥ ଦ୍ୱାରା କିପରି ନିବାରଣ ହେବ ? ତାଙ୍କୁ ତ ଭାବନା ଦରକାର । ଯାହାର ଅଭାବ ବିଦୁର ଦମ୍ପତିଙ୍କ ପାଖରେ ନ ଥିଲା । ଶାଗର ସାତ୍ତ୍ୱିକ ଆହାର ମାଧ୍ୟମରେ ସେହି ଦିବ୍ୟ ଆଦାନପ୍ରଦାନ ଚାଲିଲା । ଉଭୟ ଧନ୍ୟ ହୋଇଗଲେ ।

## ଟିକିଏ ହସନ୍ତୁ

ପୁଲିସ : ତୁ ଗୋଟିଏ ଦୋକାନରେ ତିନିଥର ଚୋରି କରିବାକୁ କ'ଣ ପାଇ ଗଲୁ ?
ଚୋର : ପ୍ରଥମ ଥର ମୁଁ ମୋ ସ୍ତ୍ରୀ ପାଇଁ ଡ୍ରେସ୍ ଚୋରି କରିବାକୁ ଯାଇଥିଲି । ଆଉ ବାକି ଥର ତ ମୁଁ ଡ୍ରେସ୍ ବଦଳାଇବାକୁ ଯାଇଥିଲି ।

× × × ×

ସ୍ୱାମୀ : ଆଉ କେତେ ସମୟ ଲାଗିବ ତୁମକୁ ବାହାରିବାକୁ ?
ସ୍ତ୍ରୀ : ଚିଲେଇବା ବନ୍ଦ କର । ଘଣ୍ଟାଏ ହେଲାଣି କହୁଛି ପାଞ୍ଚ ମିନିଟ୍‌ରେ ଆସୁଛି ବୁଝିଲ ।

× × ×

ସ୍ତ୍ରୀ : ତୁମେ ମତେ କେତେ ଭଲପାଉଛ ?
ସ୍ୱାମୀ : ତୁମେ ଭାବି ପାରିବନି ।
ସ୍ତ୍ରୀ : ତଥାପି କେତେ ?
ସ୍ୱାମୀ : ଏତେ ଭଲ ପାଉଛି ଯେ ମୋ ହୃଦୟ କହୁଛି ତୁମ ପରି ଆଉ ଜଣକୁ ନେଇ ଆସେ ।

× × × ×



ଶିକ୍ଷକ : ସୁନ୍ଦରୀ ଝିଅଙ୍କୁ ଇଂରାଜୀରେ କ'ଣ କହିବା ?
ରମନ : ଆଇ ଲଭ୍ ୟୁ ।

× × × ×

ସ୍ତ୍ରୀ : ମୁଁ ତୁମ ଜନ୍ମଦିନ ପାଇଁ ବହୁତ ବଢ଼ିଆ ଡ୍ରେସ୍ ଆଣିଛି । ତୁମେ ଦେଖିଲେ ତୁମ ଆଖି ଲାଗିଯିବ ।
ସ୍ୱାମୀ : ତା' ହେଲେ ମତେ ଦେଖାଅ ।
ସ୍ତ୍ରୀ : ରୁହ ମୁଁ ଏବେ ପିନ୍ଧି ଆସୁଛି ।

× × × × × ×

ବଏଫ୍ରେଣ୍ଡ : ହ୍ୱାଟସଆପ୍ ଅପଡେଟ୍ କର ।
ଗର୍ଲଫ୍ରେଣ୍ଡ : କେମିତି କରିବି ?
ବଏଫ୍ରେଣ୍ଡ : ପ୍ଲେ ଷ୍ଟୋରକୁ ଯାଇ କରି ଦେ ।
ଗର୍ଲଫ୍ରେଣ୍ଡ : ଆମ ଗାଁରେ ପ୍ଲେ ଷ୍ଟୋର ନାହିଁ ଚିକେନ୍ ଷ୍ଟୋର ଅଛି । ସେଠୁ କରି ଦେବି ।

× × × × × ×

ସ୍ୱାମୀ : ଜଲଦି ଟିଭି ଖୋଲ ୩୦ ଫୁଟର ସାପ ଦେଖାଉଛନ୍ତି ।
ସ୍ତ୍ରୀ : ଆରେ ଆମେ ଦେଖି ପାରିବାନି ।
ସ୍ୱାମୀ : କ'ଣ ପାଇଁ ?
ସ୍ତ୍ରୀ : ଆମ ଟିଭି ୨୧ ଫୁଟର ।

ସ୍ୱୀକାର

ବର୍ଷ ୨୬, ସଂଖ୍ୟା- ୯, ୨୭ ଫେବୃଆରୀ- ୦୫ ମାର୍ଚ୍ଚ ୨୦୨୨

# ଜରା ନିବାସର ଆବଶ୍ୟକତା

ନିଃସହାୟ ବୃଦ୍ଧ ବୃଦ୍ଧାଙ୍କର ଶେଷ ଜୀବନର ଆଶ୍ରୟସ୍ଥଳ ଜରା ନିବାସ । ଏହି ଜରା ନିବାସ ପାଶ୍ଚାତ୍ୟ ସଂସ୍କୃତିରୁ ଭାରତରେ ପ୍ରବେଶ କରିଛି । ଇତିହାସ କହେ ୧୯୧୧ ମସିହା ବେଳକୁ ଭାରତରେ ଜରା ନିବାସର ଆରମ୍ଭ କୋଚିନର ରାଜାଙ୍କ ଦ୍ୱାରା ହୋଇଥିଲା । ବିଦେଶରେ ଏହାକୁ ଜୀବନର ଏକ ଅଙ୍ଗ ରୂପେ ଗ୍ରହଣ କରାଯାଏ । ନିଃସହାୟ ବୃଦ୍ଧ, ବୃଦ୍ଧା ଯେଉଁମାନେ ନିଜର ଭରଣ ପୋଷଣ ପାଇଁ ଅକ୍ଷମ ସେମାନଙ୍କର ଯତ୍ନ, ଖାଦ୍ୟପେୟ ତଥା ସ୍ୱାସ୍ଥ୍ୟ ଉପରେ ଅନେକଟା ଧ୍ୟାନ ଦିଆଯାଏ । ପାଶ୍ଚାତ୍ୟ ସଂସ୍କୃତିରେ ଏହା ଏକ ପ୍ରକାର ଜୀବନର ଅଙ୍ଗ ହୋଇଯାଇଛି, ବାପା, ମା' ବୃଦ୍ଧ, ବୃଦ୍ଧା ହୋଇଗଲେ ସେମାନେ ନିଜଆଡୁ ଅଲଗା ହୋଇଯିବାକୁ ଚାହାନ୍ତି ତଥା ସନ୍ତାନମାନେ ମଧ ସେମାଙ୍କୁ ଦୂରେଇ ଦେଇଥାନ୍ତି । ସ୍ନେହ, ମମତା ତଥା ଆତ୍ମୀୟତା କେବଳ ସପ୍ତାହାନ୍ତ ଛୁଟି ଦିନରେ ହିଁ ଦେଖିବାକୁ ମିଳେ । କେହି କେହି ନିଜ ପିତା ମାତାଙ୍କୁ ଦେଖିବାକୁ ଜରା ନିବାସ ଯାଉଥିବା ବେଳେ କେହି କେହି ଏକୁଟିଆ ବାସ କରୁଥିବା ଆତ୍ମୀୟ ସ୍ୱଜନଙ୍କୁ ଦେଖିବାକୁ ପରିତ୍ୟକ୍ତ ଗୃହକୁ ଯାଇଥାନ୍ତି । ଦଶମାସ ଗର୍ଭ ଧାରଣ କରିଥିବା ମା', ଛୋଟରୁ ବଡ଼ ହେବା ପାଇଁ ସଂଗ୍ରାମ କରିଥିବା ବାପା ଆଜି ନିଜ ସନ୍ତାନ ମାନଙ୍କ ପାଇଁ ଅଲୋଡ଼ା ।

ଏପରି ଅନେକ ଦେଶ ଅଛନ୍ତି ଯେଉଁଠାରେ ୬୦ ବର୍ଷ ହେଲାପରେ ସରକାର ବରିଷ୍ଠ ନାଗରିକ ମାନଙ୍କ ଦାୟିତ୍ୱ ନିଜେ ବହନ କରନ୍ତି ଏବଂ ସେମାନଙ୍କୁ ମାସିକ ହାତଖର୍ଚ୍ଚ ପାଇଁ ପେନସନ ତଥା ରହିବା ଖାଇବା ସହ ' ସ୍ୱାସ୍ଥ୍ୟସେବା ମାଗଣାରେ ଯୋଗାଇଥାନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ତଥା ସରକାରଙ୍କ ମାନବିକତାର ଜ୍ୱଳନ୍ତ ଉଦାହରଣ । କଥାରେ ଅଛି 'ନଇକେ ବାଙ୍କ ଆଉ ଦେଶକେ ଫାଙ୍କ' ନୀତିରେ ବିଭିନ୍ନ ଦେଶର ଚାଲିଚଳନ ତଥା ସଂସ୍କୃତି ଅଲଗା କିନ୍ତୁ ଆମ ଭାରତୀୟ ସଂସ୍କୃତିରେ ପିତା, ମାତା, ଗୁରୁଜନ ମାନଙ୍କୁ ଭକ୍ତି କରିବା ସେମାନଙ୍କ ଭଲମନ୍ଦ ବୁଝିବା ଓ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେମାନଙ୍କ ସହିତ ରହିବାର ପରମ୍ପରା ଆବାହମାନ କାଳରୁ ରହିଆସିଛି । ସମୟ ସହିତ ତାଳଦେଇ ଆମ ସଂସ୍କୃତି ଆଜି ପାଶ୍ଚାତ୍ୟମୁଖୀ, ଏବଂ ବିଦେଶୀ ସଂସ୍କୃତିକୁ ସମସ୍ତେ ଅଳ୍ପେ ବହୁତେ ଆପଣେଇ ନେଲେଣି । ଶତକଡା ୭୦ ଭାଗ ଲୋକ ଏପରି ପରିସ୍ଥିତିରେ ପହଞ୍ଚିଲେଣି ଯେ, ଆଉ ତାଙ୍କ ପକ୍ଷେ ଫେରିବା ସମ୍ଭବ ନୁହେଁ । ଧୀରେ ଧୀରେ ସ୍ନେହ, ମମତା ସାହିତ୍ୟରୁ ଗଣିତର ରୂପ ନେଲାଣି । ଭଲପାଇବା ସାହିତ୍ୟର କାବ୍ୟକବିତା ପରି ଶ୍ରୁତିମଧୁର ନ ହୋଇ ଗଣିତପରି ହିସାବ ନିକାସରେ ପରିଣତ ହୋଇଛି, କେତେ ପାଇବ ? କେତେ ଦେବ ? କଣ ଲାଭ ? ଆଉ ଶେଷରେ ଅତଏବ... । ଏହା ଠିକ ଯାନ୍ତ୍ରିକ ଜୀବନ, ଏକ ଲିଟର ପେଟ୍ରୋଲରେ କେତେ ବାଟ ଯିବାପରି ହିସାବ ଛଡା ଆଉ କିଛି ନୁହେଁ । ଯେଉଁମାନେ ଘରର ମଝି ଖୁଣ୍ଟ ସେମାନେ ଆଜି ଦଳିତ ନିଷ୍ପେସିତ ଆଉ ଅବହେଳିତ ଅବସ୍ଥାରେ ଜରା ନିବାସରେ ନିଜ ଭାଗ୍ୟକୁ ଆଦରି ନୀରବରେ ଅକୁହା ବେଦନାକୁ ଛାତି ଭିତରେ ଧରି ନିଷ୍ପ୍ରଭ ଚକ୍ଷୁରୁ ଲୁହ ଗଡ଼ାଉଛନ୍ତି, ଏଇ ଶେଷ ଜୀବନରେ ସେମାନେ କେତେ ଆଶା କରିଥାନ୍ତି ନାତି, ନାତୁଣୀଙ୍କ ସହିତ ଟିକେ ଖୁସି ମଜା କରିବାକୁ, ଗପ କହି ସମୟ ଅତିବାହିତ କରିବାକୁ । କିନ୍ତୁ ଆମ ଭିତରେ ଥିବା ସ୍ୱାର୍ଥପର ବିଦେଶୀ ଅପସଂସ୍କୃତି ଆଜି ଆମକୁ ନେଇ ପାତାଳରେ ପହଞ୍ଚିଲାଣି । ଜରା ନିବାସ ଯେଉଁଦିନ ଅନ୍ତେବାସୀ/ ସଦସ୍ୟ ଶୂନ୍ୟ ହୋଇଯିବ ସେଦିନ ଆମେ ଭାବିବା ଯେ, ଆମ ସନ୍ତାନ ମାନେ ନିଜ ପିତା ମାତାଙ୍କୁ ସ୍ନେହ ଶ୍ରଦ୍ଧା କରି ନିଜ ସହିତ ରଖିଲେଣି । ଶୈଶବରୁ ଯୁବକ କରି ଶିକ୍ଷା ଦୀକ୍ଷା ଦେବାର ସୁଫଳ ସେମାନେ ପାଇବେ, ପ୍ରକୃତ ସ୍ନେହ ହୃଦୟରୁ ଆସେ, ଟଙ୍କା ପଇସା, ଧନ ସମ୍ପତ୍ତି କ୍ଷଣସ୍ଥାୟୀ କିନ୍ତୁ ବଡ଼ ମାନଙ୍କ ଆଶୀର୍ବାଦ ଚିରସ୍ଥାୟୀ । ଏବେବି ସମୟ ଅଛି ଆମେ ଚାହିଁଲେ ଆମ ମାନସିକତା ବଦଳାଇ ପାରିବା ଆଉ ଏକ ସୁସ୍ଥ ସ୍ନେହ ପ୍ରେମ ଭରା ପରିବାରରେ ବୟସ୍କ ମାନଙ୍କୁ ସାମିଲ କରିପାରିବା ।

# ଆମ ସଭାର ବିଧାନ

## ମହାତ୍ମା ଗାନ୍ଧୀ



ହଜାର ହଜାର ବର୍ଷ ହେଲା ପଶୁବଳ ହିଁ ଏହି ପୃଥିବୀରେ ସର୍ବଶାସୀ ସତ୍ୟ ହୋଇ ରହିଛି, ଏବଂ ମନୁଷ୍ୟ କ୍ରମାଗତ ଭାବରେ ତାହାର ତିକ୍ତ ପରିଣାମକୁ ଭୋଗିଆସିଛି । ଯେକୌଣସି ମନୁଷ୍ୟର ଆଖିକୁ ତାହା ଅବଶ୍ୟ ସ୍ପଷ୍ଟଭାବରେ ଦିଶୁଥିବ । ଭବିଷ୍ୟତରେ ଏଥିରୁ କୌଣସି ଭଲ ଫଳ ସମ୍ଭବ ହେବାର ଆଶା ଅତି କ୍ଷୀଣ ହୋଇ ଗଲାଣି । ଯଦି ଅନ୍ଧାର ଭିତରୁ ଆଲୋକ ଉତ୍ସରିତ ହୋଇ ଆସିପାରିବ, ତେବେଯାଇ ଘୃଣା ମଧ୍ୟରୁ ପ୍ରେମ ମଧ ଜନ୍ମଲାଭ କରିବ ।

ମୁଁ ଦେଖିବାକୁ ପାଇଛି ଯେ, ନାନା ଧ୍ୱଂସ ଓ ବିନାଶ ମଧ୍ୟରେ ଜୀବନ ତଥାପି ରହିଛି, ଏବଂ ତେଣୁ, ଏହି ବିନାଶର ବିଧାନଟି ଅପେକ୍ଷା ଏକ ଉଚ୍ଚତର ବିଧାନ ଅବଶ୍ୟ ରହିଥିବ । କେବଳ ସେହି ବିଧାନଟି ମଧ୍ୟରେ ହିଁ କୌଣସି ସୁସଂଗଠିତ ସମାଜ ବୋଧଗମ୍ୟ ହୋଇପାରିବ ଏବଂ ଜୀବନ ବଞ୍ଚିବାର କୌଣସି ସାର୍ଥକତା ରହିବ । ତାହା ହିଁ ଯଦି ଜୀବନର ବିଧାନ ହୋଇଥାଏ, ତେବେ ଆମକୁ ଦୈନନ୍ଦିନ ଜୀବନରେ ମଧ ସେଇଟିକୁ କାର୍ଯ୍ୟକାରୀ କରି ଆଣିବାକୁ ହେବ । ଯେଉଁଠାରେ ମଧ ସଂଘର୍ଷ ଓ ଶତ୍ରୁତା ହେବ, ଯେଉଁଠାରେ ବି ତୁମକୁ ଏକ ପ୍ରତିପକ୍ଷର ସାମନା କରିବାକୁ ପଡ଼ିବ, ତେବେ ତୁମେ ତାକୁ ପ୍ରେମଦ୍ୱାରା ଜୟ କରିନିଅ । ମୋ' ନିଜ ଜୀବନରେ ଏହିପରି ଅତି ସାଧାରଣ ବୁଦ୍ଧିଦ୍ୱାରା ପରିଚାଳିତ ହୋଇ ମୁଁ ଏହି ନିୟମଟିକୁ କ୍ରିୟାଶୀଳ କରି ରଖିଛି ତା'ର ଆଦୌ ଏପରି ଅର୍ଥ ନୁହେଁ ଯେ, ମୋ'ର ସବୁଯାକ ଅସୁବିଧାର ସମାଧାନ ହୋଇ ଯାଇଛି । ମୁଁ କେଳବ ଏତିକି ଆବିଷ୍କାର କରିଛି ଯେ, ପ୍ରେମର ସେହି ବିଧାନଠାରୁ ହିଁ ମୁଁ ଉତ୍ତର ପାଇଛି ; ବିନାଶର ନିୟମଟି କୌଣସି ଉତ୍ତର ଦେଇପାରି ନାହିଁ ।

ଯଦି ପ୍ରେମ ଅର୍ଥାତ୍ ଅହିଂସା ଆମ ସଭାର ବିଧାନରେ ପରିଣତ ନହୁଏ, ତେବେ ମଝିରେ ମଝିରେ ବାର ବାର ଯୁଦ୍ଧର ପ୍ରକୋପରୁ ରକ୍ଷା ପାଇବାର ଆଉ କୌଣସି ସମ୍ଭାବନା ରହିବ ନାହିଁ । ଏବଂ, ପ୍ରତ୍ୟେକଟି ଯୁଦ୍ଧ ଭୟାବହତାର କ୍ଷେତ୍ରରେ ପୂର୍ବଟି ତୁଳନାରେ ଅଧିକ ଶକ୍ତିଶାଳୀ ହୋଇ ଆସୁଥିବ...

ଯୁଗେ ଯୁଗେ ଯେତେ ଗୁରୁ ପୃଥିବୀକୁ ଆସିଛନ୍ତି, ସେମାନେ ଅଳ୍ପ ବା ବହୁତ ଦୃଢ଼ତାର ସହିତ ସେହି ବିଧାନଟିର ପ୍ରଚାର କରିଛନ୍ତି । ଯଦି ପ୍ରେମ ହିଁ ଜୀବନର ବିଧାନ ହୋଇନଥାନ୍ତା, ତେବେ ମୃତ୍ୟୁର ଏହି କଟାହ ଭିତରେ ଜୀବନ କଦାପି ତଥାପି ତିଷ୍ଠି ରହିନଥାନ୍ତା । ଜୀବନ ଏହି ମୃତ୍ୟୁ ବିରୋଧରେ ହିଁ ଏକ ଚିରନ୍ତନ ବିଜୟ ଘୋଷଣା କରିଆସିଛି । ଯଦି ମନୁଷ୍ୟ ଓ ପଶୁ ମଧ୍ୟରେ ଏକ ମୌଳିକ ଅନ୍ତର ରହିଥାଏ, ତାହା ହେଉଛି ଯେ ମନୁଷ୍ୟ ଅଧିକରୁ ଅଧିକ ପରିମାଣରେ ସେହି ବିଧାନଟିକୁ ସ୍ୱୀକୃତି ଦେଇଆସିଛି ଓ ନିଜର ବ୍ୟକ୍ତିଗତ ଜୀବନରେ ତା'ର ବାସ୍ତବ ପ୍ରୟୋଗ କରିଛି । ପୃଥିବୀର ପ୍ରାଚୀନ ତଥା ସାମ୍ପ୍ରତିକ ସବୁ ସନ୍ଥ ନିଜର ଆଲୋକ ତଥା ସାମର୍ଥ୍ୟ ଅନୁସାରେ ଆମ ସଭାର ସେହି ସର୍ବୋଚ୍ଚ ବିଧାନଟିର ଗୋଟିଏ ଗୋଟିଏ ଜୀବନ୍ତ ଉଦାହରଣ ହୋଇ ରହି ଆସିଛନ୍ତି । ଅବଶ୍ୟ ଏହି କଥାଟିରେ ଯଥେଷ୍ଟ ସତ୍ୟତା ରହିଛି ଯେ, ଆମ ଭିତରର ପଶୁଟି ଅନେକ ସମୟରେ ଏକ ସହଜ ବିଜୟ ହାସଲ କରି ନେଉଥିବା ପରି ବୋଧ ହୋଇଥାଏ । ଅବଶ୍ୟ ତଦ୍ୱାରା ବିଧାନଟି ଆଦୌ ମିଥ୍ୟା ବୋଲି ପ୍ରମାଣିତ ହୋଇ ଯାଏ ନାହିଁ । ତାହା କେବଳ ଏହାକୁ ଜୀବନରେ କାର୍ଯ୍ୟକାରୀ କରିବାରେ ରହିଥିବା ଅସୁବିଧାଟିକୁ ହିଁ ସୂଚାଇଦିଏ । ସତ୍ୟର ଉଚ୍ଚତା ଯେତିକି, ଠିକ୍ ସେତିକି ଉଚ୍ଚ ଏକ ବିଧାନର କ୍ଷେତ୍ରରେ ଆଉ ଅନ୍ୟପ୍ରକାର କିପରି ବା ହୋଇଥାନ୍ତା ? ଯେତେବେଳେ ତାହାକୁ ସମସ୍ତେ କାର୍ଯ୍ୟକାରୀ କରିବାକୁ ସମର୍ଥ ହେବେ, ସେତେବେଳେ, ପରମେଶ୍ୱର ବର୍ତ୍ତମାନ ଯେପରି ସ୍ୱର୍ଗରାଜ୍ୟର ଅଧୀଶ୍ୱର ହୋଇ ରହିଛନ୍ତି । ଏହି ପୃଥ୍ୱୀର ଅଧୀଶ୍ୱରରୂପେ ମଧ ପ୍ରତିଷ୍ଠିତ ହେବେ । ପୃଥିବୀ ଓ ସ୍ୱର୍ଗ ଯେ ଆମ୍ଭମାନଙ୍କ ଭିତରେ ରହିଛି, ମୋତେ ସେହି କଥାଟି ସ୍ମରଣ କରାଇଦେବାର କୌଣସି ଆବଶ୍ୟକତା ନାହିଁ । ଆମେ ପୃଥିବୀଟିକୁ ଜାଣିଛୁ, ଆମ ନିଜ ଭିତରେ ରହିଥିବା ସ୍ୱର୍ଗଟି ବିଷୟରେ ଅପରିଚିତ ହୋଇ ରହିଛୁ । କେତେକ ବ୍ୟକ୍ତିଙ୍କ ଜୀବନରେ ପ୍ରେମର ନିୟମଟିକୁ ପ୍ରୟୋଗ କରିବା ସମ୍ଭବ ବୋଲି ଯଦି ସ୍ୱୀକାର କରାଯାଏ, ଅନ୍ୟ ସମସ୍ତଙ୍କର ଜୀବନରେ ସେହି ପ୍ରୟୋଗଟିର ସମ୍ଭାବନାଟିକୁ ମଧ ବାଟ ଛାଡ଼ି ନ ଦେବାକୁ କେବଳ ଏକ ଉଦ୍ଧତପଣିଆ ବୋଲି କୁହାଯିବ । ଆମଠାରୁ ଆଦୌ ବହୁଦୂର ହୋଇ ରହିନଥିବା ଆମର ପୂର୍ବପୁରୁଷମାନେ ନରମାଂସ ଭକ୍ଷଣ କରୁଥିଲେ ; ସେମାନେ ଆହୁରି ଏପରି ଅନେକ କାର୍ଯ୍ୟରେ ଆସକ୍ତ ଥିଲେ, ଯାହାକୁ କି ଆମେ ଏବେ କେବଳ ଘୃଣ୍ୟ ବୋଲି କହିବା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେତେବେଳେ ମଧ ଡିକ୍ ଶେପାର୍ଡଙ୍କ ପରି ବ୍ୟକ୍ତି ଥିଲେ, ଯିଏକି ନିଜର ସହ ମନୁଷ୍ୟମାନଙ୍କୁ ଭକ୍ଷଣ କରିବାକୁ ମନା କରିବାର ବିଚିତ୍ର ନୀତିଟିକୁ ପ୍ରଚାର କରିଥିଲେ ବୋଲି ହୁଏତ ଉପହସିତ ହୋଇଥିଲେ ଅଥବା ଅପରାଧୀ ବୋଲି ପ୍ରଦର୍ଶିତ ମଧ ହୋଇଥିଲେ । ଇତିହାସ ନିରନ୍ତର ବହୁ ଯୁଦ୍ଧରେ ଭର୍ତ୍ତିହୋଇ ରହିଛି ; ମାତ୍ର ଆମେ ତ ନୂଆ ଇତିହାସ ନିର୍ମାଣ କରିବାକୁ ଚେଷ୍ଟା କରୁଛୁ । ଅନ୍ତତଃ ଅହିଂସା ବିଷୟରେ ଜାତୀୟ ମାନସର ପ୍ରତିନିଧି କରୁଥିବାରୁ ମୁଁ ଏକଥା କହୁଛି । ତରବାରୀର ନୀତିକୁ ମୁଁ ବହୁତ ବିଚାର ଓ ତର୍କ ଦେଇ ପରୀକ୍ଷା କରି ଦେଖୁଛି, ଏହାର ସମ୍ଭାବନାଗୁଡ଼ିକର ଗଣିତଗୁଡ଼ିକୁ କଷିଛି ଏବଂ ଶେଷରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ, ଜଙ୍ଗଲର ନିୟମଟି ବଦଳରେ ସଚେତନ ପ୍ରେମର ନିୟମଟିକୁ ପ୍ରତିଷ୍ଠା କରିବା ନିମନ୍ତେ ହିଁ ମନୁଷ୍ୟ ନିୟତିନିର୍ଦ୍ଦିଷ୍ଟ ହୋଇ ରହିଛି ।" ଯେଉଁଠି ପ୍ରେମ ଅଛି, ସେଠାରେ ଭଗବାନ ମଧ ଅଛନ୍ତି ।

ପ୍ରେମ ଦାବି କରେ ନାହିଁ, ନିରନ୍ତର ଦିଏ । ପ୍ରେମ ସର୍ବଦା କଷ୍ଟ ସହେ, କଦାପି ଅଭିଯୋଗ କରେ ନାହିଁ, କେବେହେଲେ ପ୍ରତିଶୋଧ ନିଏନାହିଁ ।

# ପଶ୍ଚିମ ଓଡ଼ିଶାର...

(ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଯଥା :- ଗଉର୍ଦେଶୀ, ଦକ୍ଷିଣୀ, ରଂପେଲା, ବିଷ୍ଣୁପୁରୀ । ପ୍ରତ୍ୟେକ ଘାଟି ଏବଂ ଦିଶା ରେ ୧୦ ଟି ଲେଖାଏଁ ତାଳ ଅଛି । ଯଥା :- ଆଦି ତାଳ, ଯତି ତାଳ, ନିଶାରୀ ତାଳ, ରୂପକା ତାଳ, ମଠା ତାଳ, ଝୁମ୍ପା ତାଳ, ସରିମାନ ତାଳ, ଦଶ କୋଶି ତାଳ, ତ୍ରିପଟା ତାଳ, ଏକତାଲି ତାଳ । ଏହି ୧୦ଟି ତାଳକୁ ନେଇ ଆହୁରି ୮ଟି ତାଳ ହୋଇଛି । ଯଥା :-କୁଞ୍ଜ ଶିଖର , ଦେବ ଶିଖର , ଶଶୀ ଶିଖର , ଶ୍ୟାମ ସୁନ୍ଦର, ଚନ୍ଦ୍ର ଶିଖର, ମାନଘଣ୍ଟା , ଦୁଆଡ଼ମାନ ଏବଂ ବିରସିଂହ ତାଳ । ଏହିପରି ସମ୍ବଲପୁରୀ ଲୋକକଳାରେ ସମୁଦାୟ ୧୮ଟି ତାଳ ଅଛି ବୋଲି କୁହାଯାଏ । ଏହି ୧୮ଟି ତାଳ ରେ ୨ଟି ମାନ ଅଛି ଯଥା :- ଶୁନ୍ୟ ମାନ, ଗୁରୁ ମାନ । ମାତ୍ର ବର୍ତ୍ତମାନ ଆଧୁନିକତାର ପ୍ରଭାବରେ ଲୋକମାନଙ୍କର ରୁଚି ବଦଳିବାରେ ଏହି ଲୋକକଳା ଲୋପ ପାଇ ବସିଲାଣି । ଏଥିପାଇଁ ଭବିଷ୍ୟତ ପିଢ଼ି ଏପରିକି ଏହି କଳାକାରମାନଙ୍କ ପୁଅଝିଅମାନେ ମଧ ଏହି ବ୍ୟୟବହୁଳ କଳା ପ୍ରତି ମନ ଦେଉନାହାନ୍ତି । ଅଧିକାଂଶ ସମ୍ବଲପୁରୀ କଳାକାର ଶ୍ରମଜୀବୀ , ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ତଥା ଅତି ଗରିବ ହୋଇଥିବାରୁ ୬ / ୭ ହଜାର ଟଙ୍କାରେ ମୃଦଙ୍ଗ , ୧୨ / ୧୫ ଶହ ଟଙ୍କାରେ କସ୍ତାଲ , ପ୍ରାୟ ୧୨ ଶହ ଟଙ୍କାରେ ଘୁଙ୍ଗୁର କିଣି ଏହାର ରକ୍ଷଣାବେକ୍ଷଣ କରି ସମ୍ବଲପୁରୀ କଳା କୁ ବଞ୍ଚାଇ ରଖିବା ଅତି କଷ୍ଟ ହୋଇପଡୁଛି । ଏଭଳି ଅଭାବନୀୟ ସ୍ଥିତି ସାଙ୍ଗକୁ ଯୁବପିଢି ସିନେମା, ପପ୍ ସଙ୍ଗୀତ, ଡିସ୍କୋ ଆଦି ନୃତ୍ୟ ପ୍ରତି ଆକୃଷ୍ଟ ହେଉଥିବାରୁ ସମ୍ବଲପୁରୀ ଭଳି ପ୍ରାଚୀନ ଲୋକକଳା ପ୍ରାୟ ଲୁପ୍ତ ପାଇ ଇତିହାସ ପଲଟିବାକୁ ବସିଲାଣି । ଏପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ସମ୍ବଲପୁରୀ ଲୋକକଳା ବଂଚିବା ପାଇଁ ସଂଘର୍ଷ କରି ରାହା ଖୋଜୁଥିବାବେଳେ ଏହାଯେ କେତେଦିନ ବଞ୍ଚିବ ତାହା କହି ହେଉନାହିଁ । ତେବେ ନିଜ ଅଂଚଳର ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସାପ୍ତାହିକ 'ସ୍ୱୀକାର' (ସମ୍ପାଦକ ହେମନ୍ତ କୁମାର ମହାପାତ୍ର ) ପତ୍ରିକା ପକ୍ଷରୁ ବିଭିନ୍ନ ସମୟରେ ସମ୍ବଲପୁରୀ କଳାକାରମାନଙ୍କର ଏକ ସମ୍ମିଳନୀ ଓ କର୍ମଶାଳା ସଫଳତାର ସହ ଓଡ଼ିଶାର ସମ୍ବଲପୁରରେ ଆୟୋଜନ କରି ନିଜସ୍ୱ ଉଦ୍ୟମ ଚଳାଇଆସିଛି । ଏହା ଛଡା ଏହି ସମ୍ବଲପୁରୀ ଲୋକକଳା କୁ ବଞ୍ଚାଇ ରଖିବାପାଇଁ ଗୁରୁ ଶ୍ରୀ ଜିତେନ୍ଦ୍ର ପଧାନ (ଭୀମ)ଙ୍କ ତତ୍ତ୍ୱାବଧାନରେ ଶ୍ରୀ ହେମନ୍ତ କୁମାର ମହାପାତ୍ର ଙ୍କ ଦ୍ୱାରା ୧୫୦ ରୁ ଅଧିକା ପୃଷ୍ଠା ବିଶିଷ୍ଟ ଏକ ପୁସ୍ତକ ପ୍ରକାଶ କରିଛନ୍ତି । ଯାହାଦ୍ୱାରା ପାଠକପାଠିକା ଏବଂ ବିଶେଷ କରି ସମ୍ବଲପୁରୀ କଳାକାରମାନଙ୍କ ନିକଟରେ ଆଦୃତ ହେବ ।

**ବରଧରା, ଝାରସୁଗୁଡ଼ା**

## ଇମ୍ମ୍ୟୁନିଟି ବଢ଼ାଇବ ଶୁଖିଲା ଅଁଳା

ଆୟୁର୍ବେଦରେ ଅଁଳାକୁ ମହୌଷଧୀ ତୁଲ୍ୟ ବ୍ୟବହାର କରାଯାଇଥାଏ । ଏଥିରେ ଭିଟାମିନ୍ ଏ, ସି, ଆଇରନ୍, ଆଣ୍ଟି ଅକ୍ସିଡାଣ୍ଟ, ଆଣ୍ଟି ଭାଇରାଲ୍, ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରପୁର ରହିଥାଏ । ଯାହାକୁ ସେବନ କରିବା ଦ୍ୱାରା ଇମ୍ମ୍ୟୁନିଟି ବଢ଼ିଥାଏ ଏବଂ ବିଭିନ୍ନ ରୋଗରୁ ସୁରକ୍ଷା ମିଳିଥାଏ । ଖାସକରି ଶୁଖିଲା ଅଁଳା ସ୍ୱାସ୍ଥ୍ୟ ଲାଗି ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ । ଏହା ଖାଇବା ଦ୍ୱାରା ପେଟ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ ।



ଡେଲି ଡାଏଟରେ ଅଁଳାକୁ ସାମିଲ କରନ୍ତୁ: ଏକ ଗ୍ଲାସ ଗରମ ପାଣିରେ ଅଁଳା ଗୁଣ୍ଡ ମିଶାଇ ଦିନକୁ ଦୁଇ ଥର ପିଅନ୍ତୁ ।

କ୍ୟାନସରରୁ ରକ୍ଷା: ପୋଷକ ତତ୍ତ୍ୱ ଓ ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୁର ଶୁଖିଲା ଅଁଳା ଖାଇବା ଦ୍ୱାରା କ୍ୟାନସର ଭଳି ଗମ୍ଭୀର ରୋଗରୁ ମୁକ୍ତି ମିଳିଥାଏ ।

ଉଚ୍ଚ ରକ୍ତଚାପ: ଏହାକୁ ସେବନ କରିବା ଦ୍ୱାରା ବ୍ଲଡ ସର୍କୁଲେସନ ଭଲ ଭାବରେ ହୋଇଥାଏ । ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖା ଦେଇ ନଥାଏ ।

ପେଟ ସମ୍ବନ୍ଧିତ ସମସ୍ୟା ଦୂର କରେ: ହେଲ୍‌ଥ ଏକ୍ସପର୍ଟଙ୍କ ଅନୁସାରେ ଶୁଖିଲା ଅଁଳାରେ ଆଣ୍ଟି ଅକ୍ସିଡାଣ୍ଟ ଓ ପଲିଫିନାଲ ଅଧିକ ମାତ୍ରାରେ ରହିଥାଏ । ଏହାକୁ ସେବନ କରିବା ଦ୍ୱାରା ପେଟ ଯନ୍ତ୍ରଣା, ଜ୍ୱଳନ, କୋଷ୍ଠକାଠିନ୍ୟ, ବଦହଜମ ଆଦି ସମସ୍ୟାରୁ ମୁକ୍ତି ମିଳିଥାଏ ।

ଗର୍ଭବତୀଙ୍କ ବାନ୍ତି ସମସ୍ୟା: ଗର୍ଭବତୀ ମହିଳାଙ୍କୁ ଅଧିକ ମାତ୍ରାରେ ବାନ୍ତି ହୋଇଥାଏ । ଏଥିରୁ ମୁକ୍ତି ପାଇବା ଲାଗି ଶୁଖିଲା ଅଁଳା ଖାଇବା ଉଚିତ ।

ଇମ୍ୟୁନିଟି ବୃଦ୍ଧି: ଭିଟାମିନ, ଆଣ୍ଟି- ଅକ୍ସିଡାଣ୍ଟ, ଆଣ୍ଟି- ଭାଇରାଲ ଗୁଣରେ ଭରପୁର ଅଁଳା ଇମ୍ୟୁନିଟି ବଢାଇବାରେ ସାହାଯ୍ୟ କରିଥାଏ । ଫଳରେ ସର୍ଦ୍ଦି, କାଶ ଓ ଅନ୍ୟ ଋତୁଜନିତ ରୋଗରୁ ମୁକ୍ତି ମିଳିଥାଏ ।

ମାଉଥ-ଫ୍ରେଶନର ଅନେକ: ଲୋକଙ୍କ ପାଟି ଦୁର୍ଗନ୍ଧ ହୁଏ । ଶୁଖିଲା ଅଁଳା ମାଉଥ-ଫ୍ରେଶନର ପରି କାମ କରିଥାଏ, ଯାହା ମୁହଁର ଦୁର୍ଗନ୍ଧ ଦୂର କରିଥାଏ ।

## ପାଚନ ସମସ୍ୟା ଓ ଜିରା

ଠିକ୍ ସମୟରେ ଖାଦ୍ୟ ନ ଖାଇବା କିମ୍ବା ଯାଡୁସାଡୁ ଖାଇବା ଦ୍ୱାରା ତାହାର ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ । ଏହାଫଳରେ ଡାଇରିଆ, ବାନ୍ତି କିମ୍ବା ପେଟ କାଟିବା ଭଳି ସମସ୍ୟା ଦେଖା ଦେଇଥାଏ । ତେବେ ଏଥିରୁ ଉପଶମ ଲାଭ କରିବାକୁ ଆପଣ ଏକ ଉପାୟ ଆପଣେଇ ପାରନ୍ତି । ତାହା ହେଲା ଜିରାର ବ୍ୟବହାର । ଜିରାରେ ଔଷଧୀୟ ଗୁଣ ଭରି ରହିଛି । ଏହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଜିରାରେ ଥିବା ଏନାଲ ଜେସିକ ତତ୍ତ୍ୱ ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ । ଜିରାକୁ ଭାଜି ସେଥିରେ ଅଳ୍ପ ଲୁଣ ସହିତ ଚୋବାଇ ଖାଇ ଉଷୁମ ପାଣି ପିଇବା ଦ୍ୱାରା ପେଟ ସମସ୍ୟା ଦୂର ହୋଇଥାଏ । ମାସିକ ଋତୁସ୍ରାବଜନିତ ଯନ୍ତ୍ରଣା ପାଇଁ ଜିରା ଲାଭଦାୟକ ସାବ୍ୟସ୍ତ ହୋଇଥାଏ । ଜିରାଗୁଣ୍ଡ ସହିତ ସୈନ୍ଧବ ଲୁଣକୁ ମିଶାଇ ଖାଇପାରନ୍ତି । ଶରୀରରେ ଆଇରନର ମାତ୍ରା କମିଗଲେ ରକ୍ତହୀନତା ସମସ୍ୟା ଦେଖା ଦେଇଥାଏ । ତା'ସହ ଦୁର୍ବଳ ଲାଗିଥାଏ । ତେବେ ଦିନକୁ ଦୁଇଥର ଜିରାଗୁଣ୍ଡ କିମ୍ବା ଗୋଟା ଜିରା ଖାଇପାରନ୍ତି । ଜିରାମିଶ୍ରିତ ପାଣି ପିଇଲେ ତାହା ମେଦବହୁଳତା ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିଥାଏ ।



## ସୁସ୍ଥ ରହିବାର ଉପାୟ

ସକାଳୁ ଉଠିବା ପରେ ଅଧା ଲିଟର ଉଷୁମ ପାଣି ଯେମିତି ହେଲେ ପିଇବା ଉଚିତ୍ । ଖାଲି ପେଟରେ ଉଷୁମ ପାଣି ପିଇବା ଦ୍ୱାରା ମେଟାବଲିଜିମ୍ ବଢ଼ାଇବାରେ ସହାୟକ ହୋଇଥାଏ ।

ଖାଲି ପେଟରେ ୬-୧୦ ଟି ବାଦାମ କିମ୍ବା ଅଖରୋଟ୍ ଖାଇବା ଭଲ । ଏଥିରୁ କିଛି ଏଞ୍ଜାଇମ୍ସ ତିଆରି ହୋଇଥାଏ, ଯାହା ମେଟାବଲିଜିମ୍‌କୁ ବଢ଼ାଇବାରେ ମଧ ସାହାଯ୍ୟ କରିଥାଏ ।

ପ୍ରାତଃଭୋଜନ ଟିକେ ହେଭି ବା ଗରିଷ୍ଠ ହେବା ଉଚିତ । ଯାହା ସାରା ଦିନ ପାଇଁ ମଣିଷକୁ ଶକ୍ତି ପ୍ରଦାନ କରିଥାଏ । ଏହା କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନରେ ଭରପୁର ହୋଇଥିବା ଜରୁରୀ ।

ସବୁବେଳେ ସକାଳୁ ଟିକେ ଏକ୍ସରସାଇଜ୍ କରିବା ଜରୁରୀ, କାରଣ ଏହାଦ୍ୱାରା ମାଂସପେଶୀ ଶକ୍ତ ହୋଇଥାଏ ।

ଯେତେ ସମ୍ଭବ ହୋଇପାରେ ଚଲାବୁଲା କରିବା ଭଲ । ଏହାଦ୍ୱାରା ଅତିରିକ୍ତ କ୍ୟାଲୋରୀ ବର୍ଣ୍ଣ ହେବାରେ ସହାୟତା ମିଳିଥାଏ ।

ବାଦାମ ଏବଂ ଅଖରୋଟରେ ଥାଏ ଭରପୂର ଶକ୍ତି । ଏହାକୁ ଶକ୍ତିର ଭଣ୍ଡାର କହିଲେ ଅତ୍ୟୁକ୍ତି ହେବନି । ଦିନରେ ଅଳ୍ପଅଳ୍ପ ଚିନା ବାଦାମ ଖାଇବା ଉଚିତ୍ ।

ଧାନ ଏବଂ ବିଶ୍ରାମ ଉପରେ ଅଧିକ ଧାନ ଦିଅନ୍ତୁ । ଏହାଦ୍ୱାରା ମାନସିକ ଶାନ୍ତି ମିଳିବା ସହିତ ଚିନ୍ତାଧାରାରେ ମଧ ବିକାଶ ଘଟିଥାଏ ।

## କ୍ୟାନସର ଦୂର କରିବ ସୋରିଷ ଶାଗ

ପଞ୍ଜାବରେ ସବୁଠାରୁ ଟେଷ୍ଟି ଡିସ୍ ହେଉଛି ସୋରିଷ ଶାଗ । କେବଳ ପଞ୍ଜାବ ନୁହେଁ ଅନ୍ୟ ରାଜ୍ୟମାନଙ୍କରେ ମଧ ସୋରିଷ ଶାଗ ଡିସ୍ ବେଶ୍ ପସନ୍ଦ କରିଥାନ୍ତି । ତେବେ ଏହା ଯେତିକି ପାଟି ସୁଆଦିଆ ସ୍ୱାସ୍ଥ୍ୟ ପାଇଁ ମଧ ସେତିକି ଭଲ । ଏଥିରେ ପ୍ରଚୁର ପରିମାଣରେ ଫାଇବର ରହିଥିବା ବେଳେ ଫ୍ୟାଟ କାର୍ବୋହାଇଡ୍ରେଟ୍ ସୁଗାର ପୋଟାସିୟମ ଭିଟାମିନ୍ ଏ, ସି, ଡି, ବି-୧୨ ମ୍ୟାଗ୍ନେସିୟମ ଆଇରନ ଓ କ୍ୟାଲସିୟମ ଭଳି ବହୁ ନ୍ୟୁଟ୍ରିସନ ରହିଛି । ଏମିତିକି ସୋରିଷ ଶାଗରେ ପ୍ରାୟ ୬ ପ୍ରକାର କ୍ୟାନସରକୁ ରୋକିବାର ଗୁଣ ରହିଛି ।



ଦୃଷ୍ଟିଶକ୍ତି ବୃଦ୍ଧି: ସୋରିଷ ଶାଗକୁ ଭିଟାମିନ୍ ଏ'ର ପାୱାର ହାଉସ କୁହାଯାଏ, ତେଣୁ ଏହା ଆଖିର ମାଂସପେଶୀକୁ କୌଣସି କ୍ଷତି ପହଞ୍ଚାଇବାକୁ ଦିଏ ନାହିଁ । ଏଥି ସହିତ ଆଖିର ଜ୍ୟୋତିକୁ ତେଜ କରିଥାଏ ।

କ୍ୟାନସରରୁ ରକ୍ଷା କରେ: ଶାଗରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୁର ରହିଛି ଏହା ଶରୀରକୁ ଡିଟକ୍ସିଫାଏ କରି ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । ଏହାକୁ ଖାଇଲେ ୭ ପ୍ରକାର କ୍ୟାନସରରୁ ରକ୍ଷା ମିଳିଥାଏ । ଯଥା - ବ୍ଲଡର, ପେଟ, ବ୍ରେଷ୍ଟ, ଫୁସଫୁସ୍, ପ୍ରୋଷ୍ଟେଟ ଓ ଓଭାରୀ କ୍ୟାନସର ଆଦିର ରକ୍ଷା କରିଥାଏ । ସୋରିଷ ଶାଗରେ ରହିଥିବା ପୋଷକ ତତ୍ତ୍ୱ ଗୁଡିକ କ୍ୟାନସର କୋଷିକାକୁ ରୋକିବା ସହିତ ଏହା ରୋଗକୁ ବଢ଼ିବାକୁ ଦିଏ ନାହିଁ ।

ହୃଦୟ ପାଇଁ ଲାଭ: ଶାଗ ଖାଇବାରେ ଶରୀରର କୋଲେଷ୍ଟ୍ରଲ ସ୍ତର କମ୍ ଓ ଫୋଲେଟ ନିର୍ମାଣ ଅଧିକ ହୋଇଥାଏ । ଏଥିରେ ହାର୍ଟ ଆଟାକ ହେବାର ଭୟ ଦୂର ହୋଇଥାଏ । କାହିଁକି ନା ଏହି ରୋଗ ହାଇପରଟେନଶନ ଓ ହୃଦୟ ସମ୍ବନ୍ଧରୁ ହୋଇଥାଏ । କିନ୍ତୁ ସୋରିଷ ଶାଗ ଖାଇବା ଫଳରେ ଏହି ରୋଗ ଦୂର ହୋଇଥାଏ ।

## ବହୁ ଲାଭକାରୀ ପାଚିଲା ଅମୃତଭଣ୍ଡା

ପାଚିଲା ଅମୃତଭଣ୍ଡା ଏକ କାରୋଟିନ୍ ବହୁଳ ଫଳ । ମେଦବହୁଳତା ଭୋଗୁଥିବା ମଣିଷଙ୍କ ପାଇଁ ଏହା ଖୁବ୍ ଉପକାରୀ ।

ଭିଟାମିନ୍ ଏ, ସି ଏବଂ ପଟାସିଅମ୍‌ରେ ଏହା ଭରପୂର । ନିୟମିତ ଖାଇଲେ ଆଖି ସମସ୍ୟା, ଥଣ୍ଡା, କାଶ ଆଦି ଦୂରହୁଏ ।

ଏହାର ପଟାସିଅମ୍ ଉପାଦାନ ରକ୍ତ ଚାପ ନିୟନ୍ତ୍ରଣରେ ରଖେ ।

ନିୟମିତ ଖାଇଲେ ଚର୍ବି କମେ, ରକ୍ତ ସଂଚାଳନ ତୀବ୍ର ହୁଏ । ହୃଦ୍‌ଘାତ, ମସ୍ତିଷ୍କଘାତ ଆଶଙ୍କା ରହେନାହିଁ । ଏହା ରୋଗ ପ୍ରତିରୋଧକ । ହଜମ ଶକ୍ତି ବଢ଼ାଏ । ମଧୁମେହ ରୋଗୀ ପାଚିଲା ଅମୃତଭଣ୍ଡା ଖାଇ ପାରିବେ । ଏହାର ଏଣ୍ଟିଅକ୍ସିଡାଣ୍ଟ ଗୁଣ ଚର୍ମ କୁଞ୍ଚନ ଦୂର କରାଏ । ତ୍ୱଚାର ଚମକ ବଢ଼ାଏ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କ୍ଷୀର

ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର । ଯଦି ଜଣେ ବ୍ୟକ୍ତି ନିୟମିତ କ୍ଷୀର ପିଅନ୍ତି, ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ସନ୍ତୁଳିତ ରହିଥାଏ । ବିଶେଷଭାବରେ ଡାଇବେଟିସ୍ ସମସ୍ୟା ଥିଲେ ଖାଦ୍ୟପେୟ ସହ ଜୀବନଶୈଳୀ ପ୍ରତି ନଜର ଦେବାକୁ ପଡ଼େ । କ୍ଷୀର ପିଇବା ଦ୍ୱାରା ସୁଗାର ଲେଭୁଲ କେତେକାଂଶରେ ସନ୍ତୁଳିତ ରହିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ



ସର୍ଭେରୁ ଜାଣିପାରିଛନ୍ତି । ପୁଣି ହଳଦୀ ମିଶ୍ରିତ କ୍ଷୀର ଆମ ଶରୀର ପାଇଁ ବେଶ୍ ଉପକାରୀ । ଏହି କ୍ଷୀରରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଣ୍ଟାରି ଗୁଣ ଡାଇବେଟିସଠାରୁ କେତେକାଂଶରେ ଦୂରେଇ ରଖିଥାଏ । ଡାଲଚିନି ଏବଂ କ୍ଷୀରରେ ଭରପୂର ମାତ୍ରାରେ କ୍ୟାଲ୍‌ସିୟମ, ଆଇରନ୍ ଏବଂ ଭିଟାମିନ୍ ଅଛି । ଏଥିସହ ବିଟା କାରୋଟିନ, ଆଲ୍‌ଫା କାରୋଟିନ୍ ଏବଂ ଲାଇକୋପିନ୍ ରହିଛି, ଯାହା ସୁଗାରକୁ ନିୟନ୍ତ୍ରଣରେ ରଖୁଥାଏ । ବାଦାମ କ୍ଷୀର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଏଥିରେ କ୍ୟାଲୋରି କମ୍ ରହିଥାଏ ଏବଂ ଭିଟାମିନ୍-ଡି ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଥାଏ, ଯାହା ଶରୀର ପାଇଁ ବେଶ୍ ଉପକାରୀ ।

## ଲିଭର୍ ନଷ୍ଟରୁ ବଞ୍ଚାଇବ ଭୃସଙ୍ଗପତ୍ର

ଭୃସଙ୍ଗ ପତ୍ରକୁ ରୋଷେଇ କରିବା ସମୟରେ ସ୍ୱାଦ ପାଇଁ ବ୍ୟବହାର କରାଯାଏ ବୋଲି ଆମେ ସାଧାରଣତଃ ଜାଣିଛୁ । ଏହି ପତ୍ରର ଚାହିଦା ଦକ୍ଷିଣ ଭାରତରେ ବେଶ୍ ଅଧିକ ରହିଥିବାର ଦେଖାଯାଇଥାଏ । ଭାରତର ଅନେକ ଅଞ୍ଚଳରେ ରହିଥିବା ବାସିନ୍ଦା ଖାଦ୍ୟ ପ୍ରସ୍ତୁତି ସମୟରେ ଭୃସଙ୍ଗ ପତ୍ରର ବ୍ୟବହାର କରୁଛନ୍ତି । ହେଲେ ଏହାର ଗୁଣବତ୍ତା କ'ଣ ସବୁ ରହିଛି ତାହା ସମସ୍ତଙ୍କୁ ଅଛପା ରହିଛି । ଭୃସଙ୍ଗ ପତ୍ରରେ ଭରି ରହିଛି ଅସଂଖ୍ୟ ଗୁଣ । ଏହା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ଯାହା ଆପଣଙ୍କ କେଶ ଓ ତ୍ୱଚାର ଚମକ ବଢ଼ାଇବା ସହ ବିଭିନ୍ନ ରୋଗରୁ ମଧ ରକ୍ଷା କରିଥାଏ । ନିକଟରେ ହୋଇଥିବା ଏକ ପରୀକ୍ଷାରୁ ଜଣାପଡିଛି ଯେ, ଅଧିକ ମଦ୍ୟପାନ କରିବା ଦ୍ୱାରା ମନୁଷ୍ୟର ଲିଭର୍ ନଷ୍ଟ ହୋଇ ଯାଇଥାଏ । ସେଥିପାଇଁ ଖାଦ୍ୟରେ ଭୃସଙ୍ଗ ପତ୍ରର ବ୍ୟବହାର କରିବା ଦ୍ୱାରା ଏହା ଲିଭରକୁ ସୁସ୍ଥ ରଖିଥାଏ । ଭୃସଙ୍ଗପତ୍ରରେ ରହିଥାଏ ଭିଟାମିନ ଏ ଓ ସି' ଯାହା ଲିଭର ପାଇଁ ଖୁବ୍ ହିତକର । ଏହି ପତ୍ରରେ ଭରି ରହିଥିବା ଫାଇବର ରକ୍ତରେ ଇନସୁଲିନ୍‌କୁ ସଠିକ୍ ଭାବେ ପ୍ରଭାବିତ କରି ରକ୍ତ ଶର୍କରାର ମାତ୍ରାକୁ କମ୍ କରିଥାଏ । କେବଳ ସେତିକି ନୁହେଁ ଏହି ପତ୍ର ଖାଇବା ଦ୍ୱାରା ହଜମ ଶକ୍ତି ବଢ଼ିବା ସହ ଶରୀରରେ ରହିଥିବା ଅତିରିକ୍ତ ଚର୍ବି ହ୍ରାସ ପାଇଥାଏ । ତେଣୁ ମଧୁମେହ ଓ ଓଜନ ବୃଦ୍ଧି ପାଉଥିବା ଲୋକେ ଏହି ପତ୍ର ଖାଇବା ଅତ୍ୟନ୍ତ ଜରୁରୀ । ଏସବୁ ବ୍ୟତୀତ ଭୃସଙ୍ଗ ପତ୍ର ଖାଇବା ଦ୍ୱାରା ରକ୍ତରେ କୋଲେଷ୍ଟ୍ରୋଲ ମାତ୍ରା ଠିକ୍ ରହିଥାଏ ଯାହା ହୃଦୟ ସମ୍ପର୍କିତ ରୋଗରୁ ଆମକୁ ରକ୍ଷା କରିଥାଏ ।



# ସର୍ବେଦ

**ଅକ୍ଷର ଅନୁଭଓ୍ୱ ପ୍ରାପ୍ତ ସେ,**
**ନିଃଅକ୍ଷର ହୈ ପାସ ।**
**ରୋମ ରୋମ ଭରିପୂର ହୈ, ଅନ୍ତର**
**ଅନୁଭଓ୍ୱ ଭାସ ।।୦୭।।**

ଭାଷ୍ୟ - ଅକ୍ଷରଙ୍କର ସାକ୍ଷାତ୍‌କାର ଏବଂ ପ୍ରତ୍ୟକ୍ଷ ଅନୁଭବ ହେବା ପରେ ନିଃଅକ୍ଷର ପରମ ପୁରୁଷଙ୍କର ସମଗ୍ର ସୂକ୍ଷ୍ମ ପ୍ରଦେଶ ପ୍ରକୃତି ମଣ୍ଡଳ ଏବଂ ଆତ୍ମାର ଓତପ୍ରୋତ ଅନୁଭବ ପ୍ରାପ୍ତ ହୋଇଥାଏ ।

**ଅନୁରାଗୀ ନିଃଶବ୍ଦ କା, ପ୍ରଥମେ**
**ଅକ୍ଷର ଜାନ ।**
**ଅକ୍ଷର ପର ନିଃଶବ୍ଦ ହୈ, ଓତ**
**ପ୍ରୋତ ପହିଚାନ ।।୦୮।।**

ଭାଷ୍ୟ - ନିଃଶବ୍ଦ ପରମ ପୁରୁଷଙ୍କ ଅନୁରାଗୀ ବିହଙ୍ଗମ ଯୋଗର ଅଭ୍ୟାସୀ, ସହଜ ଯୋଗୀ ସର୍ବାଗ୍ରେ ଅକ୍ଷରଙ୍କର ଅନୁଭବ ଲାଭ କରିଥାଏ । ପର କ୍ଷଣରେ ଅକ୍ଷରାଧିପତି ନିଃଶବ୍ଦ ପରମ ପୁରୁଷଙ୍କୁ ନିଜ ଆତ୍ମା ଭିତରେ ଓତପ୍ରୋତ ଅନୁଭବ ସାକ୍ଷାତ୍‌କାର କରିଥାଏ ।ବିହଙ୍ଗମ ଯୋଗରେ ଅର୍ଦ୍ଧ ଏବଂ ଉର୍ଦ୍ଧ୍ୱ ଦୁଇଟି ଚେତନ ଭୂମି ବିଦ୍ୟମାନ । ଅର୍ଦ୍ଧ ସ୍ଥିତିର ପୂର୍ଣ୍ଣତା ପରେ ଶ୍ୱେତ ଭୂମି ସହଜରେ ପ୍ରାପ୍ତ ହୋଇଥାଏ ।ପ୍ରକୃତିକୁ ତ୍ୟାଗ କଲେ ହିଁ ସର୍ବୋଚ୍ଚ ଭୂମିର ପ୍ରାପ୍ତି ହୋଇଥାଏ ।କର୍ମଭୂମି ଏବଂ ଆତ୍ମାର ଚେତନ ଶୁଦ୍ଧ ଭୂମି ଉଭୟର ଜ୍ଞାନ ହେବା ଆବଶ୍ୟକ ।ବିହଙ୍ଗମ ମାର୍ଗ ଅନୁଭବ ଚେତନ ବିଜ୍ଞାନର ପଥ ଅଟେ । ଏହାକୁ ଜ୍ଞାନ ମାର୍ଗ ଅଥବା ଦେବଯାନ ମାର୍ଗ ମଧ୍ୟ କହନ୍ତି ।ପିତୃଯାନ କର୍ମ-ପ୍ରକୃତି-ମାର୍ଗରୁ ବ୍ରହ୍ମଲୋକର ପ୍ରାପ୍ତି ହୋଇଥାଏ ଏବଂ ଚେତନପଥ ଅନୁଭବଗମ୍ୟ ପ୍ରକୃତି ପାର ସନ୍ତପଥ ରୂପକ ଦେବଯାନ ମାର୍ଗରୁ ଅବିଚଳ ପରମ ଶାନ୍ତି ଲାଭ ହୋଇ ନିର୍ବାଣ ପଦ ପ୍ରାପ୍ତି ହୁଏ । ପ୍ରକୃତି ମଣ୍ଡଳ କର୍ମମାର୍ଗକୁ ଛାଡ଼େ ନାହିଁ ।ପ୍ରାକୃତିକ ଯୋଗୀ ଭବ ପ୍ରତ୍ୟୟରୁ ପ୍ରାପ୍ତ ହେଉଥିବା ପ୍ରକୃତି ପ୍ରବାହରେ ଆସିଯାଆନ୍ତି ।ବିଶୁଦ୍ଧ ମାର୍ଗ ବିହଙ୍ଗମ ଯୋଗ ଅଟେ ଯାହା ଦ୍ୱାରା ପ୍ରକୃତିକୁ ନିତାନ୍ତ ତ୍ୟାଗ କରି ଆତ୍ମାର ପ୍ରକୃତ କୃତକୃତ୍ୟତା ଏବଂ ପରମାନନ୍ଦର ପ୍ରାପ୍ତି ହୋଇଥାଏ । ସେଥିପାଇଁ ଅନୁଭବ ଚେତନ ଯୋଗ ଦ୍ୱାରା ପୂର୍ଣ୍ଣ ପରଂବ୍ରହ୍ମଙ୍କୁ ପ୍ରାପ୍ତ କରି, ଅନନ୍ତ ମହାସୁଖରେ ବିଶ୍ରାମ କର ଏବଂ ଅବ୍ୟାହତ ଚେତନ ଆଧାରକୁ ପ୍ରାପ୍ତ କରି ବନ୍ଧନମୁକ୍ତ ହୋଇଯାଅ । ଏହା ଚେତନପଥ ବିହଙ୍ଗମ ମାର୍ଗର ମୁଗୁକର ମୁକ୍ତି ଅଟେ, ଯେଉଁଥିରେ ଆତ୍ମା ସ୍ୱଚ୍ଛନ୍ଦ ଗତିରେ ପରଂବ୍ରହ୍ମଙ୍କ ଆଧାରରେ ବିଚରଣ କରି ପରମାନନ୍ଦ, ମହାନ୍ ସୁଖକୁ ପ୍ରାପ୍ତ କରି କୃତକୃତ୍ୟ ହୋଇଯାଏ ।

**ବାଁଧି ପତାଲ ଅକାଶ କୋ, ଉଲଟୀ**
**ଗତି ସେ ଫେର ।**
**ଅନୁଭଓ୍ୱ ଅକ୍ଷର ହୋତ ହୈ, ଯହ**
**ସଦ୍‌ଗୁରୁ ମତ ଟେର ।।୦୯।।**

ଭାଷ୍ୟ - ଆତ୍ମାର ଶକ୍ତି ଯାହା ପ୍ରକୃତି ଜଗତରେ ବିସ୍ତାରିତ ହୋଇଛି, ସେହି ଅର୍ଦ୍ଧ ଶକ୍ତିକୁ ସଦ୍‌ଗୁରୁଙ୍କର ମାର୍ଗ ଏବଂ ଯୁକ୍ତି ଦ୍ୱାରା ଊର୍ଦ୍ଧ୍ୱମୁଖୀ କରିବା ଫଳରେ ଅକ୍ଷରଙ୍କର ଅନୁଭବ ହୋଇଥାଏ । ଏହା ସଦ୍‌ଗୁରୁଙ୍କର ନିର୍ଭ୍ରାନ୍ତ ସତ୍ୟ ସିଦ୍ଧାନ୍ତ ଅଟେ ।

**ସହଜେ ଧ୍ୱନି ଅକ୍ଷର ଗଜେଁ, ଅଜପା**
**କହିୟେ ତାସ ।**
**ନହୀଁ ଜାପ ଅଜପା ବନେ, ଆପ**
**ଆପ ସ୍ୱର ପାସ ।।୧୦।।**

ଭାଷ୍ୟ - ସହଜ ସ୍ୱାଭାବିକ ଧ୍ୱନି ଯାହା ସ୍ୱତଃସ୍ଫୂର୍ତ୍ତ ଭାବରେ ହେଉଅଛି, ସେହି ଅକ୍ଷର ଧ୍ୱନି ଅଜପା ଅଟେ ।ଯାହା ବାଣୀ ଦ୍ୱାରା ଜପ କରାଯାଏ, ତାହା ଅଜପା ନୁହେଁ । ସ୍ୱର୍ବେଦର ସିଦ୍ଧାନ୍ତ-ବିବେକ ଅନୁସାରେ ଅକ୍ଷରକୁ ଅଜପା କହନ୍ତି, କାହିଁକି ନା ତାହା ନିଜ ମଣ୍ଡଳରେ ସ୍ୱତଃ ପ୍ରକଟ ହୋଇ ଗୁଞ୍ଜରିତ ହୋଇଥାଏ ।

**ପଞ୍ଚ ଶବ୍ଦ ବ୍ରହ୍ମାଣ୍ଡ ମେଁ, ଓମ୍ ଆଦି**
**ଜୋ ହୋୟ ।**
**ଯହ ସହଜ ଧ୍ୱନି ହୈ ନହୀଁ, କାରଣ**
**କାରଜ ସୋୟ ।।୧୧।।**

ଭାଷ୍ୟ - ଏକ ପାଦ ଜଗତ ଭିତରେ ଏକ ସୂକ୍ଷ୍ମ ଶବ୍ଦ ହୋଇଥାଏ, ଯାହା ବଳରେ ଶାବ୍ଦିକ ଏବଂ ପ୍ରାକୃତିକ ସମସ୍ତ ରଚନା ସଂଘଟିତ ହୋଇଥାଏ । ପ୍ରକୃତି ମଣ୍ଡଳ ଭିତରେ ସର୍ବାଗ୍ରେ ଯେଉଁ ଶବ୍ଦ ପ୍ରକଟ ହୁଏ, ତାହାକୁ ଅକ୍ଷର କୁହାଯାଏ । ଅକ୍ଷର ଦ୍ୱାରା ହିଁ ନିଃଶବ୍ଦ, ପରମ ପୁରୁଷ ଏହି ବିଶାଳ ସୃଷ୍ଟିର ନିର୍ମାଣ କରିଥାନ୍ତି ।ସେହି ଅକ୍ଷରର ଧ୍ୱନି ଯେତେବେଳେ କପାଳ ସହ ସମ୍ବନ୍ଧ କରେ, ସେତେବେଳେ ବ୍ରହ୍ମାଣ୍ଡ ଭିତରେ କ୍ରମଶଃ ରରଂ, ସୋହଂ ଶକ୍ତି, ଓମ୍ ଏବଂ ନିରଞ୍ଜନ ଏହି ପଞ୍ଚ ଶବ୍ଦ ନିର୍ମିତ ହୋଇଥାଏ । ଯିଏ ବ୍ରହ୍ମାଣ୍ଡୀ ସାଧକ ଅଟନ୍ତି, ସେ ଏହି ଶବ୍ଦଗୁଡ଼ିକୁ ନିଜ ଭେଦ ସାଧନରେ ଅନୁଭବ କରି ପାରନ୍ତି ।ଏହି ଭୌତିକ ଶବ୍ଦ ପରେ ବାହାରକୁ ଆସି ଦନ୍ତ, କଣ୍ଠ, ଓଷ୍ଠ ଏବଂ ମୂର୍ଦ୍ଧା ସ୍ଥାନରୁ ପ୍ରାଣ ଦ୍ୱାରା ପ୍ରଯତ୍ନ ଭେଦରେ ସର୍ବ ବର୍ଣ୍ଣ ଅକ୍ଷର ପ୍ରକଟ ହୋଇଥାନ୍ତି । ବ୍ରହ୍ମାଣ୍ଡୀ ପଞ୍ଚ ଶବ୍ଦ ସହଜ ଧ୍ୱନି ନୁହେଁ କାହିଁକି ନା ସେସବୁ ଅକ୍ଷର ଧାରର ତଳକୁ ଆସିବା ପରେ ବ୍ରହ୍ମାଣ୍ଡର ଅନେକ ସ୍ଥାନରେ ପ୍ରକଟିତ ହୁଅନ୍ତି ।ଅକ୍ଷର ଦ୍ୱାରା ହିଁ ପଞ୍ଚ ଶବ୍ଦ ହୋଇଥାଏ, ସେଥିପାଇଁ ଏହାର ମୂଳ କାରଣ ଅକ୍ଷର ଅଟେ, ଅର୍ଥାତ୍ ବ୍ରହ୍ମାଣ୍ଡୀ ପଞ୍ଚ ଶବ୍ଦ କାର୍ଯ୍ୟରୂପରେ ପ୍ରକଟ ହୋଇଥାନ୍ତି, ସୁତରାଂ ଏସବୁ ସହଜ ଶବ୍ଦ ନୁହନ୍ତି । ପଞ୍ଚ ଶବ୍ଦର କାରଣ ଏବଂ ଆଧାର ଅକ୍ଷରଦେବ ଅଟନ୍ତି ।

**ବାଦ ସାଧାରଣ ଭାଓ୍ୱ ମେଁ,**
**ରଂରକାର ଅରୁ ଓମ୍ ।**
**ସୋହଂ ଶକ୍ତି ନିରଞ୍ଜନ, ଅଜପା**
**କହତେ ସୋମ ।।୧୨।।**

ଭାଷ୍ୟ - ଅକ୍ଷର ପଛକୁ ବ୍ରହ୍ମାଣ୍ଡରେ ଯେଉଁ ପଞ୍ଚ ଶବ୍ଦ ହୋଇଥାନ୍ତି, ସେଗୁଡ଼ିକ



ଅକ୍ଷର ଆଧାରରେ ସପ୍ତ ପ୍ରାଣର ମଣ୍ଡଳରେ ସୂକ୍ଷ୍ମ ରୂପରେ ସ୍ୱତଃ ହୋଇଥାଏ ।ସେଥିପାଇଁ ଏହି ପଞ୍ଚ ଶବ୍ଦ ମଧ୍ୟ ସାଧାରଣ ଏବଂ ଗୌଣ ରୂପରେ ଅଜପା ଅଟନ୍ତି ।

**ସୋହଂ ଶ୍ୱାସ ଉଶ୍ୱାଁସ ମେଁ, ସୋ**
**ଅଜପା ନହିଁ ହୋୟ ।**
**ଯହ ତୋ ମନ କୀ କଳ୍ପନା, ମିଥ୍ୟା**
**ଜାନୋ ସୋୟ ।।୧୩।।**

ଭାଷ୍ୟ - ସନ୍ତମତର ଆଧୁନିକ ସମ୍ପ୍ରଦାୟରେ ଶ୍ୱାସ ସହିତ 'ସୋ' ଏବଂ 'ହଂ'ର କଳ୍ପନା କରି ମନରେ ଯେଉଁ ଜପ କରାଯାଏ, ତାହା ଅଜପା ନୁହେଁ ।ଏହା ଏକ ପ୍ରକାର ମନର କଳ୍ପନା ଅଟେ । ଶ୍ୱାସରେ ସୋହଂ ହୁଏ ନାହିଁ, ବରଂ ସୋହଂର ବ୍ରହ୍ମାଣ୍ଡରେ ଏକ ସ୍ଥାନ ଅଛି, ଯେଉଁଠାରେ ଏହି ଶବ୍ଦ ପ୍ରତ୍ୟକ୍ଷ ଅନୁଭବ ହୁଏ ।ସେଥିପାଇଁ ସୋହଂର କଳ୍ପନା କରି ଯେଉଁ ଜପ ଶ୍ୱାସରେ ହୋଇଥାଏ, ତାହା ମନର କଳ୍ପିତ ବିଚାର ଯାହା ସର୍ବଦା ଅସତ୍ୟ ଅଟେ । ଯାହା ଶ୍ୱାସରେ ଜପ କରାଯାଏ, ତାହା ଅଜପା କେମିତି ହୋଇ ପାରିବ ? ଅଜପା ସେହି ଶବ୍ଦ ଅଟେ, ଯାହା ବ୍ରହ୍ମାଣ୍ଡରେ ନିଜ ସ୍ଥାନରେ ସ୍ୱତଃ ହେଉଅଛି ।ଅଜପାକୁ ଜପ କରାଯାଏ ନାହିଁ । ଯାହା ଜପ କରାଯାଏ ତାହା ବାଣୀର ବିଷୟ ହେତୁ 'ଜପ' ଅଟେ ।ଅଜପା ଭିତରେ ପ୍ରାଣ ଏବଂ ମନ ସ୍ଥିର କରି ଶ୍ରବଣ ହୋଇଥାଏ । ସେଥିପାଇଁ ଜପ ଦ୍ୱାରା ଯେଉଁ କ୍ରିୟା ହୋଇଥାଏ, ତାହା ଅଜପା ନୁହେଁ । ଏହା ସ୍ୱର୍ବେଦର ଭାବ ଅଟେ ।

**ବ୍ରହ୍ମାଣ୍ଡୀ ସୋହଂ ବଜେ, ସୋ ତୋ**
**ଅଜପା ଜାନ ।**
**ଶ୍ୱାଁସ ମେଁ ଯହ ନହିଁ କଳ୍ପନା, ସତ୍ୟ**
**ଜ୍ଞାନ ଯହ ମାନ ।।୧୪।।**

ଭାଷ୍ୟ - ଅଗୋଚରୀ ମୁଦ୍ରା ରାଜଯୋଗର ଏକ ମୁଦ୍ରା ଅଟେ ।ଅଗୋଚରୀ ମୁଦ୍ରା ଦ୍ୱାରା ଭ୍ରମର ଗୁହାରେ ସୋହଂ ଶବ୍ଦ ପ୍ରକଟ ଅନୁଭବ ହୋଇଥାଏ । ଏହାକୁ ଅଜପା କହନ୍ତି ।ସତ୍ୟ ବିବେକର ଅନୁଭବ ଦ୍ୱାରା ବ୍ରହ୍ମାଣ୍ଡରେ ହିଁ ସୋହଂ ଶବ୍ଦ ହୋଇଥାଏ । ଶ୍ୱାସରେ ଯେଉଁ ସୋହଂର କଳ୍ପନା କରାଯାଇଛି, ତାହା ସତ୍ୟ ନୁହେଁ - ବାସ୍ତବରେ ବ୍ରହ୍ମାଣ୍ଡୀ ସୋହଂ ହିଁ ଅଜପା ଅଟେ ।

**ଥୀର କରୋ ମନ ପଓ୍ୱନ କୋ,**
**ସଦ୍‌ଗୁରୁ ଯୁକ୍ତି ଓ୍ୱିଧାନ ।**
**ପରଖୋ ମନମଥ ମାରି କେ, ସାର**
**ଶବ୍ଦ ନିରଓ୍ୱାନ ।।୧୫।।**

ଭାଷ୍ୟ - ବିହଙ୍ଗମ ଯୋଗର ସାଧନ ଏବଂ ଯୁକ୍ତି ଦ୍ୱାରା ମନ ଆଉ ପବନକୁ ସ୍ଥିର କରି ମନର ବିଷୟ-ସମ୍ବନ୍ଧରୁ ମୁକ୍ତ ହୋଇ, ପରମ-ପବିତ୍ର ପରମାନନ୍ଦ, ପରମ ପୁରୁଷ, ସାରଶବ୍ଦଙ୍କର ପ୍ରତ୍ୟକ୍ଷ ଅନୁଭବ କରନ୍ତୁ । ମନ ଏବଂ ପବନକୁ ଶାନ୍ତ ଆଉ ବିଲୀନ କରି ହିଁ ଚେତନ ସୁରତି ଦ୍ୱାରା ଅନିର୍ବାଚ୍ୟ ପରମ ପୁରୁଷଙ୍କର ପ୍ରାପ୍ତି ହୋଇଥାଏ ।

**ଅଜପା ଅକ୍ଷର ପରଖି ଲୋ, ଦିବ୍ୟ**
**ଜ୍ୟୋତି ପରକାଶ ।**
**ନିଃତତ୍ତ୍ୱ ଅନୁଭଓ୍ୱ ମିଲୈ, ଜ୍ୟୋତିନ**
**ମଧ୍ୟ ଓ୍ୱିକାଶ ।।୧୬।।**

ଭାଷ୍ୟ - ଉତ୍କୃଷ୍ଟ ପରମ ଜ୍ୟୋତିର ପ୍ରକାଶରେ ଅବାଚ୍ୟ ଅକ୍ଷରଙ୍କୁ ଦେଖନ୍ତୁ ।ମନ, ଆତ୍ମା ଏବଂ ବ୍ରହ୍ମଙ୍କର ଜ୍ୟୋତିଗୁଡ଼ିକ ଭିନ୍ନ ଭିନ୍ନ ଅଟନ୍ତି । ଏ ତିନୋଟିର ମଣ୍ଡଳ ଏବଂ ପ୍ରକାଶ ଅଲଗା ଅଲଗା ଅଟେ । ଏ ସମସ୍ତ ଜ୍ୟୋତିମାନଙ୍କ ଭିତରେ ପରମ ପୁରୁଷଙ୍କର ଜ୍ୟୋତି ଅନୁଭବ ହୋଇଥାଏ ।ପରମ ଜ୍ୟୋତିର ପ୍ରକାଶ ଉଦୟ ହେବା ଦ୍ୱାରା ସମସ୍ତ ଜ୍ୟୋତିଗୁଡ଼ିକ ସେହି ଜ୍ୟୋତି ଭିତରକୁ ପ୍ରବେଶ କରିଥାନ୍ତି ।ସମସ୍ତ ଜ୍ୟୋତିମାନଙ୍କର ଆଧାର, ଜ୍ୟୋତିପୁଞ୍ଜ ପରଂବ୍ରହ୍ମ ଅଟନ୍ତି । ଅକ୍ଷର ମଣ୍ଡଳର ଦିବ୍ୟ ଜ୍ୟୋତି ଉଦୟ ହେବା ଫଳରେ ସମସ୍ତ ଭୌତିକ ଜ୍ୟୋତିଗୁଡ଼ିକ ସେହି ଜ୍ୟୋତିରେ ବିଲୀନ ହୋଇ ଯାଆନ୍ତି । ଏହି ପ୍ରକାର ସୂକ୍ଷ୍ମାନ୍ତର ପ୍ରବେଶ ହେବା ଦ୍ୱାରା ସମସ୍ତ ଜ୍ୟୋତିମାନଙ୍କର ଆଧାର, ପରଂବ୍ରହ୍ମ ପ୍ରାପ୍ତି ହୋଇ ଥାଆନ୍ତି । ଗୁରୁଙ୍କର ଦିବ୍ୟ ଜ୍ୟୋତିର ପ୍ରକାଶରେ ଅକ୍ଷରଙ୍କର ଦର୍ଶନ କରିବାର ଉପଦେଶ ଦେଇଛନ୍ତି । ଅନୁଭବୀ ସାଧକ ଏହି ତତ୍ତ୍ୱକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିବେ ।

ଅତଏବ ବ୍ରହ୍ମ ପ୍ରକାଶସ୍ୱରୂପ ଅଟନ୍ତି ଏବଂ ସେହି ପ୍ରକାଶ ଶବ୍ଦରେ ଅଛି ।

**ଅକ୍ଷର ଅନୁଭଓ୍ୱ ହୋୟ କର, ନବ**
**ନିଃଶବ୍ଦ ଓ୍ୱିଦେହ ।**
**ଅଜପା ପର ଗୁରୁ ଗମ୍ୟ ହୈ,**
**ସଦ୍‌ଗୁରୁ ହଂସନ ଲେହ ।।୧୭।।**

ଭାଷ୍ୟ - ଅକ୍ଷରର ଅନୁଭବ ହେବା ପରେ ଚେତନ ମଣ୍ଡଳରେ ପରମ ଅକ୍ଷରଙ୍କର ପ୍ରାପ୍ତି ହୋଇଥାଏ ।ସଦ୍‌ଗୁରୁଙ୍କ ଠାରେ ଆତ୍ମସମର୍ପିତ ହଂସ ଅକ୍ଷର ପାର ଚେତନ ମଣ୍ଡଳରେ ସଦ୍‌ଗୁରୁ ବିଧାନ ଦ୍ୱାରା ସେହି ଆନନ୍ଦକୁ ପ୍ରାପ୍ତ କରିଥାନ୍ତି ।

**ମନ ଓ୍ୱ ପଓ୍ୱନ କୀ ଶାନ୍ତି କା, ଯୁକ୍ତି**
**ନହିଁ କୋୟ ଆନ ।**
**ସଦ୍‌ଗୁରୁ ସୁକୃତ ଦେଓ୍ୱ କା, ଯୋଗ**
**ଯୁକ୍ତି ପରମାନ ।।୧୮।।**

ଭାଷ୍ୟ - ସଦ୍‌ଗୁରୁ ସୁକୃତଦେବଙ୍କର ଅନୁଭବ ଯୋଗ-ଯୁକ୍ତିର ବିଧାନ ଦ୍ୱାରା ହିଁ ମନ ଏବଂ ପ୍ରାଣକୁ ଶାନ୍ତି ମିଳେ । ଏଥିପାଇଁ ଅନ୍ୟ କୌଣସି ଯୁକ୍ତି ନାହିଁ । ଏକମାତ୍ର ବିହଙ୍ଗମ ଯୋଗ, ଚେତନ ପଥର ପ୍ରକ୍ରିୟା ଦ୍ୱାରା ହିଁ ମନ-ପବନ ନିଜ କାରଣରେ ବିଲୀନ ହୋଇଥାନ୍ତି ।ଯେଉଁ ଯୋଗୀ ମନ ଏବଂ ପବନର ଉଦ୍‌ଗମକୁ ଜାଣନ୍ତି, ସେମାନେ ହିଁ ସଦ୍‌ଗୁରୁ ବିଧାନ ଦ୍ୱାରା ସେମାନଙ୍କର ମୂଳ କାରଣକୁ ନେଇଯାଇ ଶାନ୍ତ ତଥା ବିଲୀନ କରିଥାନ୍ତି । ଏହା ସଦ୍‌ଗୁରୁ ସୁକୃତଦେବଙ୍କର ଯୋଗ କଳା ଅଟେ । ଏତଦ୍ ଭିନ୍ନ ଅନ୍ୟ କୌଣସି ଉପାୟ ପ୍ରମାଣରେ ପ୍ରାପ୍ତ ହୋଇ ନ ଥାଏ । ଅତଏବ ବିହଙ୍ଗମ ଯୋଗ ସାଧନା ଦ୍ୱାରା ମନ-ପବନକୁ ଶାନ୍ତ କରିବା ଉଚିତ ।

# ଉପକାରୀ ଅଙ୍ଗୁର

**ଶରୀରକୁ** ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାରେ ଅଙ୍ଗୁରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥିରେ ଭିଟାମିନ, ମିନେରାଲ୍ସ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିବା ସହ ଜଳୀୟଅଂଶ ଭରି ରହିଛି ।

ଅଙ୍ଗୁରରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନୋ ସିଷ୍ଟମ)କୁ ଶକ୍ତ ରଖେ । ଏହା ଆମକୁ ଅନେକାଂଶରେ ଭାଇରାଲ୍ ଇନ୍‌ଫେକସନ୍‌ରୁ ରକ୍ଷା କରେ ।

ଏହାର ଆଣ୍ଟିଅକ୍ସିଡାଣ୍ଟ ଗୁଣ କ୍ୟାନ୍‌ସର ସେଲ୍‌କୁ ବଢ଼ିବାକୁ ଦିଏ ନାହିଁ । ଇନ୍‌ଫ୍ଲାମେସନ୍‌କୁ ପ୍ରତିରୋଧ କରିବାର ଶକ୍ତି ଅଙ୍ଗୁରରେ ରହିଛି ।

ସୋଡିୟମ୍ ଅପେକ୍ଷା ଏଥିରେ ପୋଟାସିୟମ୍ ମାତ୍ରା ଅଧିକ ରହିଛି । ତେଣୁ ଏହା ଶରୀରରେ ବ୍ଲଡ୍ ପ୍ରେସରର ପରିମାଣକୁ ସନ୍ତୁଳିତ ରଖେ । ଏଥିରେ ଥିବା ଫାଇବର୍ ତନ୍ତୁ କୋଲେଷ୍ଟରଲ୍‌ର ମାତ୍ରାକୁ ସନ୍ତୁଳିତ ରଖିଥାଏ । ପାର୍କିନୋସନ୍ ଏବଂ ଆଲ୍‌ଜିମର୍ସ ଭଳି ମସ୍ତିଷ୍କଜନିତ ରୋଗରୁ ଏହା କିଛି ମାତ୍ରାରେ ଉପଶମ ଦେଇଥାଏ । ଫଳରେ ମସ୍ତିଷ୍କ ଶକ୍ତ ରହିବା ସହ ଏହାର କାର୍ଯ୍ୟ ଆହୁରି ସକ୍ରିୟ ହୋଇଥାଏ ।

ଅଙ୍ଗୁରରେ ଭିଟାମିନ୍-କେ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଥିବାରୁ ଏହା ହାଡ଼, ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ । ତା' ସହ ବାତ ଓ ଆଣ୍ଠୁଗଣ୍ଠି ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖେ ।



## ଶିମ୍ବର ଉପକାରିତା



**ଶିମ୍ବ** ଖାଇବାକୁ କେବଳ ସ୍ୱାଦିଷ୍ଟ ନୁହେଁ, ଏହା ମଧ ପୁଷ୍ଟିକର । ଆହୁରି ମଧ ଏହି ଲଟା ବିଭିନ୍ନ ଔଷଧୀୟ କାର୍ଯ୍ୟରେ ଲାଗିଥାଏ । ଶିମ୍ବ ଖାଇବା ଦ୍ୱାରା ଅନେକ ରୋଗରୁ ନିଜକୁ ରକ୍ଷା କରାଯାଇ ପାରିବ । ମ୍ୟାଗ୍ନେସିୟମ୍, କ୍ୟାଲସିୟମ, ଆଇରନ ଏବଂ ଭିଟାମିନ୍ 'ଏ' ଏଥିରେ ଭରପୁର ମାତ୍ରାରେ ରହିଛି । ଶିମ୍ବର ମଞ୍ଜି ପ୍ରୋଟିନରେ ଭରପୁର । ଶିମ୍ବରେ କୋଲେଷ୍ଟରଲକୁ ହ୍ରାସ କରିବା ପାଇଁ ଯଥେଷ୍ଟ ଫାଇବର୍ ରହିଛି । ଏହା ରକ୍ତଶର୍କରା ସ୍ତରକୁ ନିୟନ୍ତ୍ରିତ କରିଥାଏ । ସେଥିପାଇଁ ମଧୁମେହ ପୀଡିତମାନେ ଶିମ୍ବକୁ ଖାଦ୍ୟରେ ସାମିଲ କରିବା ଦରକାର ।

ଶିମ୍ବରେ ରହିଥିବା ପ୍ରୋଟିନ୍ ଶରୀରର ଅନେକ ଉପକାରରେ ଆସିଥାଏ । ନଖ ଏବଂ କେଶକୁ ମଜବୁତ ରଖିବା ପାଇଁ ପ୍ରୋଟିନର ଆବଶ୍ୟକତା ରହିଛି । ଏହି ପ୍ରୋଟିନ୍ କ୍ଷତିଗ୍ରସ୍ତ ମାଂସପେଶୀକୁ ସୁଦୃଢ଼ କରିଥାଏ । ଶିମ୍ବରେ ଥିବା ପ୍ରୋଟିନ୍ ମଟନରେ ଥିବା ପ୍ରୋଟିନ୍ ଅପେକ୍ଷା ସହଜରେ ହଜମ ହୋଇଯାଏ । ଏହାବାଦ୍ ଶିମ୍ବରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଓ ମିନେରାଲ ଆଦି ଭରପୂର ରହିଛି ।

ପାଚନ କ୍ରିୟାକୁ ଠିକ୍ ରଖିବା ତଥା ହଜମ ଶକ୍ତି ବୃଦ୍ଧି କରିବା ପାଇଁ ଖାଦ୍ୟରେ ଫାଇବର୍‌ର ମାତ୍ରା ଯଥେଷ୍ଟ ରହିବା ଦରକାର । ଶିମ୍ବରେ ଯଥେଷ୍ଟ ଫାଇବର୍ ରହିଛି । ଏଥିରେ କୋଲେଷ୍ଟରଲର ମାତ୍ରା ମଧ କମ୍ ଥାଏ । ଏହା ହୃଦୟକୁ ସୁସ୍ଥ ରଖିଥାଏ । ଏକ ଗବେଷଣାରୁ ଜଣାଯାଇଛି ଯେଉଁ ଲୋକମାନେ ଦୀର୍ଘଦିନ ଧରି ଶିମ୍ବ ଖାଇଛନ୍ତି ସେମାନଙ୍କଠାରେ ହୃଦରୋଗର ସମ୍ଭାବନା ପ୍ରାୟତଃ କମ୍ ରହିଥିଲା । କାରଣ ଏଥିରେ ଥିବା ମ୍ୟାଗ୍ନେସିୟମ୍ ହାର୍ଟ ବ୍ଲକେଜ୍ ହେବାକୁ ଦିଏ ନାହିଁ ।

ଶିମ୍ବ ରକ୍ତଶର୍କରାକୁ ନିୟନ୍ତ୍ରିତ କରିଥାଏ ଏବଂ ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ଏଥିରେ କାର୍ବୋହାଇଡ୍ରେଟ ସହ ଆଇରନ୍ ଉପଲବ୍ଧ । ରକ୍ତହୀନତା ଭୋଗୁଥିବା ରୋଗୀ ଶିମ୍ବ ଖାଇବା ଦ୍ୱାରା ଏହି ସମସ୍ୟା ତା'ର ଦୂର ହୁଏ ।

ଶିମ୍ବରେ ଭିଟାମିନ୍ ବି-୬, ଥିୟାମିନ୍, ନିୟାସିନ୍ ଆଦି ଉପଲବ୍ଧ । ଏହାବାଦ୍ ବାଦାମ୍ ପରି ଏଥିରେ ଭରି ରହିଛି ଭିଟାମିନ୍ 'ଇ' । ଏହାକୁ ଖାଇବା ଦ୍ୱାରା ନ୍ୟୁରୋ ସିଷ୍ଟମ୍ ତଥା ମସ୍ତିଷ୍କ ସମ୍ବନ୍ଧୀୟ ସମସ୍ୟା ରହେ ନାହିଁ । ତେଣୁ ଶରୀରରୁ ଭିଟାମିନ ଅଭାବ ଦୂର କରିବା ପାଇଁ ଏହାକୁ ଖାଦ୍ୟରେ ସାମିଲ୍ କରନ୍ତୁ ।

ମ୍ୟାଗ୍ନେସିୟମ ମାଙ୍ଗାନିଜ୍ ଏବଂ କ୍ୟାଲସିୟମ୍ ସହିତ ମିଶି ହାଡ଼କୁ ମଜଭୁତ କରିଥାଏ । ଏହି ଖନିଜ ଶିମ୍ବରେ ଉପଲବ୍ଧ । ଏହି ଖନିଜ ମାଂସପେଶୀର ଦୁର୍ବଳତା, ମୁଣ୍ଡବିନ୍ଧା ଏବଂ ଆଉ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିଥାଏ । ଶିମ୍ବରେ ରହିଥିବା ପଟାସିୟମ୍ ମଧ ବେଶ୍ ଉପକାରୀ ।

ଡାଏଟିଂ କରୁଥିବା ବ୍ୟକ୍ତି ଶିମ୍ବ ଖାଇବାକୁ ଆଦୌ ଭୁଲନ୍ତୁ ନାହିଁ । କାରଣ ଏହା ପ୍ରୋଟିନଯୁକ୍ତ ଆଉ ଫ୍ୟାଟ୍ ଫ୍ରି । ତେଣୁ ମେଦବହୁଳତାର ଡର ନ ଥାଏ । ଆହୁରି ମଧ ଏଥିରେ କିଛି ମାତ୍ରାରେ ଆଇସୋଫ୍ଲେବନ୍ସ ଉପଲବ୍ଧ, ଏହା ସ୍ତନକର୍କଟରୁ ରକ୍ଷା କରିଥାଏ ।

ତେବେ ବଜାରରୁ ଆପଣ ଶିମ୍ବ କିଣି ନେଉଥିଲେ ତାଜା ଶିମ୍ବ କିଣନ୍ତୁ । ପାଚିଯାଇ ହଳଦିଆ ପଡି ଯାଇଥିବା ଶିମ୍ବର ଖାଦ୍ୟଗୁଣ କମି ଯାଇଥାଏ । ପିତ୍ତ କଫ ବିନାଶକ ଶିମ୍ବର ଆହୁରି ଅନେକ ଉପକାରୀ ଗୁଣ ରହିଛି ।

## ଆପଣ ଜାଣନ୍ତି କି ?



- ନ୍ୟାୟ ଦର୍ଶନ ଗୌତମ ପ୍ରତିଷ୍ଠା କରିଥିଲେ ।
- ମହର୍ଷି କଣାଦ ବୈଶେଷିକ ଦର୍ଶନ, ମହର୍ଷି କପିଳ ସାଂଖ୍ୟ ଦର୍ଶନର ପ୍ରତିଷ୍ଠା କରିଥିଲେ ।
- ଏକ ସର୍ଭେ ଅନୁଯାୟୀ ବିଶ୍ୱରେ ସମୁଦାୟ ୬,୫୦୦ ଭାଷା ବ୍ୟବହାର କରାଯାଉଛି ।
- ଉଦ୍ଭିଦଗୁଡିକ ଝାଉଁଳି ପଡିବାର ମୁଖ୍ୟ କାରଣ ହେଉଛି ପ୍ରସ୍ୱେଦନ ।
- ୧୯୮୮ ମସିହାରେ ସିଓଲରେ ଅଲିମ୍ପିକ ଖେଳରେ ପ୍ରଥମ ଥର ପାଇଁ ଟେବଲ୍ ଟେନିସ୍ ଖେଳାଯାଇଥିଲା ।
- ବୁକର୍ ପୁରସ୍କାର ବିଶ୍ୱର ସବୁଠାରୁ ବଡ଼ ସାହିତ୍ୟ ପୁରସ୍କାର । ୧୯୬୯ ମସିହାରେ ଏହି ପୁରସ୍କାର ପ୍ରଚଳନ ହୋଇଥିଲା ।
- ସାରା ଭାରତରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସବୁଠାରୁ ବେଶି ଶାଖା ପ୍ରତିଷ୍ଠା କରାଯାଇଛି ।
- ଭାରତର ଅନ୍ୟ ରାଜ୍ୟଗୁଡିକ ଠାରୁ ସହରୀ ଲୋକଙ୍କ ସଂଖ୍ୟା ମହାରାଷ୍ଟ୍ରରେ ଅଧିକ ।
- ବହୁ ଚର୍ଚ୍ଚିତ ଉପନ୍ୟାସ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ୍' ଲେଖିକା ଅରୁନ୍ଧତି ରାୟ ।
- ହିମାଳୟର ସୃଷ୍ଟି ୪୫ ମିଲିୟନ୍ ବର୍ଷ ପୂର୍ବରୁ ବୋଲି ବୈଜ୍ଞାନିକ ଗବେଷଣାରୁ ଜଣା ପଡିଛି ।
- ସଂସଦର ତଳସଦନ ଲୋକସଭାର ସଦସ୍ୟମାନେ ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

## ସ୍ୱାସ୍ଥ୍ୟ ପାଇଁ ଭଲ ଗରମ ପାଣି

**ସକାଳୁ** ବିଛଣା ଛାଡିବା ପରେ ଅନେକ ଅଳସ ଭାଙ୍ଗିବା ପାଇଁ ଗରମ ଚା ଓ କଫି ପିଇବାକୁ ପସନ୍ଦ କରିଥାନ୍ତି । ସେହିପରି ଆଉ କିଛି ଲୋକ ଖାଲି ପେଟରେ ଥଣ୍ଡା ପାଣି ପିଇଥାନ୍ତି । କିନ୍ତୁ ଆୟୁର୍ବେଦ ହିସାବରେ ସକାଳୁ ବିଛଣା ଛାଡିବା ପରେ କଫି ପରିବର୍ତ୍ତେ ଯଦି ଗରମ ପାଣି ପିଆଯାଏ ତେବେ ଏହା ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ଦୂର କରିବ ଓ ଔଷଧର ଆବଶ୍ୟକତା ରହିବ ନାହିଁ ।

## ତରଭୁଜ ଖାଇବାର ଆବଶ୍ୟକତା



**ଶରୀରକୁ** ଥଣ୍ଡା ରଖିବା ଖାଦ୍ୟପାନୀୟ ଗ୍ରୀଷ୍ମଦିନେ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ତରଭୁଜ ରସ ନିୟମିତ ଏଇ ଋତୁରେ ପିଇବା ହିତକାରୀ ।

ସକାଳୁ ଉଠି ଖାଲିପେଟରେ ତରଭୁଜ ରସରେ ଚିମୁଟାଏ କଳାଲୁଣ ମିଶାଇ ପିଇଲେ ତାହା ରକ୍ତଚାପ ନିୟନ୍ତ୍ରଣ ସହ ଖାଦ୍ୟ ହଜମରେ ମଧ ସାହାଯ୍ୟ କରେ । ସୁଆଦିଆ ଏହି ପାନୀୟ ପିଇଲେ ଓଜନ ନିୟନ୍ତ୍ରଣରେ ରହିବା ସହ ଭୋକ ମଧ ଶୀଘ୍ର ଲାଗେ ନାହିଁ । ଏହି ଫଳ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ପେଟ ଥଣ୍ଡା ରଖିବାରେ ସହାୟକ ହୋଇଥାଏ ।

ଶରୀରରୁ ବିଭିନ୍ନ ପ୍ରକାର ଟକ୍ସିନ୍ ଦୂର କରିବାରେ ସାହାଯ୍ୟ କରୁଥିବା ତରଭୁଜ ରସ ତ୍ୱଚାରେ ବୟସର ଛାପ ମଧ କମ୍ କରୁଥିବାର ବିଶେଷଜ୍ଞଙ୍କ ମତ ।

ତେବେ ଏହି ଫଳ ଖାଇବା ପୂର୍ବରୁ କେତୋଟି ଜରୁରୀ କଥା ଜାଣି ରଖନ୍ତୁ । ହୃଦରୋଗୀ ଓ ବୃକକ୍ ରୋଗୀ ଡାକ୍ତରଙ୍କ ପରାମର୍ଶରେ ତରଭୁଜ ଖାଇବା ଉଚିତ ।

ରାତିବେଳା ତରଭୁଜ ନ ଖାଇବା ଉଚିତ । ଏଥିରେ ଥିବା ଶର୍କରା ପରିମାଣ ଓଜନ ବଢ଼ାଇଥାଏ ।

ଏହା ସହ ୯୦% ଏହି ଫଳରେ ଜଳୀୟ ଅଂଶ ଥିବାରୁ ରାତିବେଳା ଖାଇଲେ ବାରମ୍ବାର ପରିସ୍ରା ଲାଗେ ଓ ନିଦରେ ବ୍ୟାଘାତ ହୋଇଥାଏ ।

## କହିପାରିବେ କି ?

(୧) ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଅଧକ୍ଷ କିଏ ?
(୨) ଜୈନଧର୍ମର ପ୍ରଥମ ତୀର୍ଥଙ୍କର ନାମ କ'ଣ ?
(୩) ୧୯୬୧ ମସିହାରେ ଓଡ଼ିଶାରେ କେତୋଟି ଜିଲ୍ଲା ପରିଷଦ ଗଠିତ ହୋଇଥିଲା ?
(୪) 'ଇନ୍ ଆନ୍ ଆଇଡିଆଲ୍ ୱାର୍ଲଡ୍' ପୁସ୍ତକର ରଚୟିତା କିଏ ?
(୫) କେଉଁ ରାଜ୍ୟର ପୋଲିସକୁ ରାଷ୍ଟ୍ରପତିଙ୍କ ଦ୍ୱାରା 'ପ୍ରେସିଡେଣ୍ଟ କଲର ଆୱାର୍ଡ ୨୦୨୧ରେ ସମ୍ମାନିତ କରାଯାଇଛି ?
(୬) ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ଥାପନା କେବେ ହୋଇଥିଲା ?
(୭) ମଣିଷ ଶରୀରର କେଉଁ ଗ୍ରନ୍ଥିକୁ 'ମାଷ୍ଟର ଗ୍ରନ୍ଥି' କୁହାଯାଏ
(୮) ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ କେବେ ପାଳନ କରାଯାଏ ?
(୯) 'ରୋବର୍ସ କପ୍' କେଉଁ ଖେଳ ସହିତ ସଂପୃକ୍ତ ?
(୧୦) ରାଜା ପରୀକ୍ଷିତଙ୍କ ପୁତ୍ରଙ୍କ ନାମ କ'ଣ ଥିଲା ?

### JUMBLE WORDS

| | | | |
|---|---|---|---|
| 1) INNOO | = | 6) FNOTE | = |
| 2) LAGEE | = | 7) UGATOE | = |
| 3) LDCEDU | = | 8) SBPHIO | = |
| 4) FTAIYR | = | 9) OSBNI | = |
| 5) DBYUD | = | 10) LYNVI | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଉଦନ୍ତ ମାର୍ତ୍ତଣ୍ଡ, ୨. ୨୦ ଜୁନ୍, ୩. ଆନ୍ଧ୍ର ପ୍ରଦେଶ, ୪.ହାଇଦ୍ରାବାଦ୍, ୫. ମୌଲାନା ଅବୁଲ କାଲାମ, ୬. ପିନିୟଲ, ୭. ଗଙ୍ଗା ପ୍ରସାଦ, ୮. ୧୯୬୦, ୯. ସ୍ୱର୍ଣ୍ଣଚୂଡ଼, ୧୦. ଏଡ୍‌ୱିନ୍ ଆର୍ଣ୍ଣୋଲଡ୍ ।

***Jumble Words*** ର ଉତ୍ତର :-

(1)HAIRDO (2) STIGMA (3) PUTTY (4) WIDTH (5) HINDER
(6) UNWISE (7) PLANT (8) RATIO (9) HECTIC (10) SESAME.

# ଭଗବାନ ଭାବର ଭୋକିଲା

ସାମାଜିକ ଉ ନର ଉଦ୍ଦେଶ୍ୟକୁ ନିଜର ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ମୂର୍ତ୍ତ ରୂପ ଦେବା ପାଇଁ ପ୍ରତିବଦ୍ଧ ଋଷି ମତଙ୍ଗଙ୍କ ଆଶ୍ରମ ବନ ନିକଟରେ ଅବସ୍ଥିତ ଥିଲା । ତାଙ୍କ ଆଶ୍ରମରେ ସୁଦୂର ପ୍ରଦେଶଗୁଡ଼ିକରୁ ସମୟ ସମୟରେ ପ୍ରତିଭାମାନଙ୍କର ଆଗମନ ହେଉଥିଲା । ଆଶ୍ରମକୁ ଆସିଥିବା ଦୁଇଟି ମାର୍ଗ ମଧ୍ୟରୁ ଗୋଟିଏ ମାର୍ଗ ବନରୁ ସିଧା ଆଶ୍ରମ ଆଡ଼କୁ ଆସିଥିଲା ତ ଅନ୍ୟଟି ନଦୀର ଆର ପାଖରୁ କୂଳେ କୂଳେ ଆସି ଆଶ୍ରମ ସହିତ ଯୋଡ଼ି ହୋଇଥିଲା ।

ନଦୀ ଦେଇ ଆସିଥିବା ମାର୍ଗର ଦୂରତା କିଛି ଅଧିକ ହେବା କାରଣରୁ ଯାତ୍ରୀଗଣ ପ୍ରାୟ ବନ ଦେଇ ଆସିଥିବା କଚ୍ଚା ରାସ୍ତାକୁ ହିଁ ଯାତ୍ରା ପାଇଁ ପ୍ରାଥମିକତା ଦେଉଥିଲେ । କମ୍ ସମୟରେ ଗନ୍ତବ୍ୟରେ ପହଞ୍ଚାଇ ଦେଉଥିବା ଏହି କଚ୍ଚା ମାର୍ଗ ଗୋଡ଼ି-ପଥର ଓ କଣ୍ଟାବୁଦା ଯୁକ୍ତ ଥିଲା ତଥା ସୁଗମ ନ ଥିଲା । ଅସମୟରେ ବହୁଥିବା ତୀବ୍ର ପବନ ବଟ ବୃକ୍ଷଗୁଡ଼ିକର ଶୁଖିଲା ପତ୍ରଗୁଡ଼ିକୁ ଉଡ଼ାଇ ଆଣି ଏହି ମାର୍ଗକୁ ଘୋଡ଼ାଇ ଦେଉଥିଲା । ଶୁଖିଲା ପତ୍ର ଓ ଧୂଳିରେ ଢାଙ୍କି ହେବା କାରଣରୁ ଏହି ମାର୍ଗରେ ଥିବା ଗୋଡ଼ି ପଥର ଯାତ୍ରୀମାନଙ୍କର ସର୍ବଦା କ୍ଷତି କରୁଥିଲା । ମତଙ୍ଗଙ୍କର ଏହି ଆଶ୍ରମ କ୍ଷେତ୍ରର ଭୌଗୋଳିକ ସ୍ଥିତି ସରଳ ଜୀବନଯାପନ ଦୃଷ୍ଟିରୁ ଅନୁକୂଳ ନ ଥିଲା ।

ଏସବୁ ଜାଣି ମଧ୍ୟ ମତଙ୍ଗ ଆଶ୍ରମବାସୀଙ୍କୁ ଏହି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ପରହିତ ନିମନ୍ତେ ନିରନ୍ତର ଶ୍ରମଯୁକ୍ତ ପରିଷ୍କୃତ ଜୀବନଯାପନର ପ୍ରେରଣା ଓ ପ୍ରଶିକ୍ଷଣ ଦେଉଥିଲେ, ଯଦ୍ଦ୍ୱାରା ବିଷମ ପରିସ୍ଥିତିଗୁଡ଼ିକ ଜୀବନଲକ୍ଷ୍ୟ ପ୍ରାପ୍ତିରେ କେବେ ବାଧକ ସିଦ୍ଧ ହେବ ନାହିଁ । ବୟସ ଗଡ଼ିବା ସହିତ ଆସିଥିବା ଶାରୀରିକ ଶିଥିଳତା ମତଙ୍ଗ ଋଷିଙ୍କ ଉତ୍ସାହରେ ପ୍ରତିବନ୍ଧକ ହେଉ ନ ଥିଲା ।

ଜୀବନର ଅନ୍ତିମ ଅଧ୍ୟାୟରେ ସେ ସ୍ୱକୃତ ପୁରୁଷାର୍ଥ ବଳରେ ଆଶ୍ରମର ତନ୍ତ୍ରକୁ ନେଇ ତାହା ସହିତ ଜଡ଼ିତ ବ୍ୟବସ୍ଥାଗୁଡ଼ିକୁ ପ୍ରତ୍ୟକ୍ଷ ସହଭାଗିତା ଆଧାରରେ ସ୍ୱୟଂ ସୁନିଶ୍ଚିତ କରିଥିଲେ । ଆଶ୍ରମର ବିଧି – ବ୍ୟବସ୍ଥାକୁ ଜୀବନ୍ତ ବ୍ୟକ୍ତିତ୍ୱ ମାଧ୍ୟମରେ ପ୍ରସ୍ତୁତ କରି ଶିକ୍ଷଣ ଦେବା ତାଙ୍କର ନିଜସ୍ୱ ବିଲକ୍ଷଣ ଶୈଳୀ ଥିଲା ।

ସେତେବେଳେ ଦିନେ ଅତ୍ୟନ୍ତ ଦୀନ ଅବସ୍ଥାରେ ଉପେକ୍ଷିତ ବିବଶ ଶବରୀ ନାମକ ଭିଲକନ୍ୟା ତାଙ୍କ ଆଶ୍ରମରେ ପହଞ୍ଚିଲା । ସଂଯୋଗବଶତଃ ତାକୁ ଋଷି ମତଙ୍ଗଙ୍କ କୃପା ଦୃଷ୍ଟି ପ୍ରାପ୍ତ ହେଲା । ସେ ଆଶ୍ରମ ନିକଟରେ ହିଁ ନିଜର ଡେରା ପକାଇଥିଲା । ଋଷି ମତଙ୍ଗଙ୍କ ଦ୍ୱାରା କରାଯାଇଥିବା ଉପକାରରେ ଅନୁଗୃହୀତ ହୋଇ ନିଃସ୍ୱାର୍ଥ ଗୁରୁସେବା ରୂପେ ମାର୍ଗ ସଫା କରିବାର ନିତ୍ୟକ୍ରମ ସେ ରଖିଥିଲା, ଯଦ୍ଦ୍ୱାରା ଗୁରୁ ଓ ଅନ୍ୟ ଯାତ୍ରୀମାନଙ୍କୁ ଆବାଗମନରେ କୌଣସି ପ୍ରକାର ଅସୁବିଧା ହେବ ନାହିଁ ।

ଗ୍ରୀଷ୍ମ ଋତୁ ଥିଲା । ଭୀଷଣ ଗରମ ହେଉଥିଲା । ବନ୍ୟ ପ୍ରାଣୀମାନେ ଆକୁଳ-ବ୍ୟାକୁଳ ହୋଇ ବୃକ୍ଷ ଆଢୁଆଳର ଶୀତଳ ଛାୟା ଖୋଜି ଏବଂ ତାହାର ଡାଳ ମଧ୍ୟରେ ଲୁଚି ନିଜକୁ ସୁରକ୍ଷିତ ରଖୁଥିଲେ । ଭକ୍ତିମତୀ ଶବରୀ ଏବେ ମାର୍ଗ ସଫା କରି ତାହାର କଡ଼ରେ ନିଜର ଝାଡ଼ୁ ଧରି ବସିଥିଲା । ଅଜ୍ଞାତ ପ୍ରତୀକ୍ଷାର ସ୍ମୃତିରେ ବସିଥିବା ଶବରୀର ଦୃଷ୍ଟି ପୁନଶ୍ଚ ସଫା ହୋଇଥିବା ମାର୍ଗ ଉପରେ ପଡ଼ିଲା ।

ମାର୍ଗକୁ ଚାହିଁଥିବା ଶବରୀର ଆଖି ଆଗରେ ଋଷି ମତଙ୍ଗଙ୍କ ଦ୍ୱାରା ପ୍ରଦତ୍ତ ଆଶ୍ୱାସନ ଦୃଶ୍ୟମାନ ହୋଇ ଉଠିଲା । ତାଙ୍କ ଦର୍ଶନରେ ବୁଡ଼ି ରହିଥିବା ଶବରୀ କିଛି ଏହିପରି ଆନନ୍ଦିତ ହେଉଥିଲା ସତେ ଯେପରି ଏହି କ୍ଷଣରେ ମତଙ୍ଗ ତାକୁ ପୁନଃ ସ୍ମରଣ କରାଉଛନ୍ତି – ଶବରୀ ! ତୁ ଶ୍ରଦ୍ଧାଳୁ ହେବା ସହିତ ସୌଭାଗ୍ୟଶାଳୀ ମଧ୍ୟ । ତୁ ଭକ୍ତିର ଶିଖର ଛୁଇଁଛୁ । ଭକ୍ତି ପ୍ରବଳ ହେଲେ ସ୍ୱୟଂ ଭଗବାନଙ୍କୁ ଭକ୍ତ ସମକ୍ଷକୁ ଆସିବା ପାଇଁ ବିବଶ ହେବାକୁ ପଡ଼ିଥାଏ । ତୁ ଦେଖିବୁ ଦିନେ ପ୍ରଭୁ ଶ୍ରୀରାମ ସ୍ୱୟଂ ଚାଲିଆସି ତୋ ପାଖରେ ପହଞ୍ଚିବେ ଓ ତତେ ଦର୍ଶନ ଦେବେ ।

କଳ୍ପନାର ଉଡ଼ାଣ ଏତିକିରେ ଥମିଲା ନାହିଁ, ବରଂ ଗୁରୁବାକ୍ୟ ଉପରେ ବିଶ୍ୱାସ ରଖି ଓ ତାହାକୁ ସାକାର ହେଉଥିବାର ଅନୁଭବ କରି ସେ ଆଗକୁ ଦେଖିବାରେ ଲାଗିଲା ଯେମିତି ପ୍ରଭୁ ଶ୍ରୀରାମ ଆସିଯାଇଛନ୍ତି ଏବଂ ତାକୁ ଦର୍ଶନ ଦେଇ ସସ୍ନେହ ତା' ଦ୍ୱାରା ଚୟନିତ ଫଳ ସେବନ କରୁଛନ୍ତି । ଏତେ ସବୁ ଦେଖୁ ଶବରୀ ଏଭଳି ଆନନ୍ଦଲୋକରେ ଯାଇ ବିରାଜମାନ କରୁଥିଲା, ଯେଉଁଠି ତାକୁ ସ୍ଥାନ କି ଶରୀର ଇତ୍ୟାଦିର ଜ୍ଞାନ ରହୁ ନ ଥିଲା ।

ପ୍ରେମର ଆନନ୍ଦରେ ଲୀନ ଶବରୀ ନିଜ ଗୁରୁ ଋଷି ମତଙ୍ଗଙ୍କ ମାଧ୍ୟମରେ ପ୍ରଭୁ ଶ୍ରୀରାମଙ୍କ ମଧ୍ୟରେ ସମ୍ମିଳିତ ହୋଇ ଯାଉଥିଲା । ଏହି ଉତ୍ତପ୍ତ ଦିପହରର ତା' ଉପରେ କୌଣସି ପ୍ରଭାବ ପଡୁ ନ ଥିବା ଦେଖା ଯାଉଥିଲା । ତା'ର ଆନନ୍ଦବିଭୋର ମୁଖମଣ୍ଡଳରେ ବିରାଜିତ ମନ୍ଦ ଶୀତଳତା ତ କେବେ କେବେ ସେହି ବାଟ ଦେଇ ଯାଉଥିବା ପଥିକ ମାନଙ୍କ ପାଇଁ ଆଶ୍ଚର୍ଯ୍ୟର ବିଷୟ ହୋଇ ଯାଉଥିଲା ।

ଏହି ଅବସ୍ଥାରେ କୌଣସି ଅଜ୍ଞାତ ଲୋକର ବହାର କରି କେତେ ସମୟ ବିତି ଯାଉଥିଲା, ଏହାର ଜ୍ଞାନ ତା'ର ରହୁ ନ ଥିଲା । ଗୁରୁଭକ୍ତିନୀ ଶବରୀର ବର୍ଷ ବର୍ଷ ଧରି ଏହି କ୍ରମ ଚାଲିଥିଲା । ସେ ଭୋରରୁ ଉଠି ଗୁରୁଙ୍କ ଆଶ୍ୱାସନଙ୍କୁ ସ୍ମରଣ କରୁଥିଲା ତଥା ପ୍ରଭୁ ଶ୍ରୀରାମଙ୍କ ଆଗମନ ଆଶାରେ ପଥ ସଫା କରୁଥିଲା, ନିକଟସ୍ଥ ବଗିଚାରୁ ଫୁଲଫଳ ଇତ୍ୟାଦି ବାଛି ବାଛି ତୋଳି ଆଣୁଥିଲା ଏବଂ ସନ୍ଧ୍ୟା ପର୍ଯ୍ୟନ୍ତ ବାଟ ଚାହିଁ ରହୁଥିଲା ।

ଭିଲ କୂଳରେ ଜନ୍ମିତ ଶବରୀର ପରିବାର ଏପରି ଏକ ସମୁଦାୟର ଅନ୍ତର୍ଗତ ଆସୁଥିଲା, ଯେଉଁମାନେ ଅତ୍ୟନ୍ତ ନିର୍ଦ୍ଦୟତାରେ ବନର ପଶୁପକ୍ଷୀଙ୍କ ଶିକାର କରିବା ପାଇଁ ପ୍ରସିଦ୍ଧ ଥିଲେ । ଭୋଜନର ଆପୂର୍ତ୍ତି ଓ ମନୋରଞ୍ଜନ, ଉଭୟ କାରଣରୁ ତା' ପରିବାର ଦ୍ୱାରା ପ୍ରତିଦିନ ଜୀବମାନଙ୍କ ହତ୍ୟାର ଜଘନ୍ୟ କୃତ୍ୟ କରାଯାଉଥିଲା, ଯାହାକୁ ଦେଖି ପିଲାଦିନେ ଶବରୀ ଭୟଭୀତ ହୋଇ ଯାଇଥିଲା । ବିରୋଧର ଦୁଃସାହସ ହୋଇ ନ ପାରିବା ଯୋଗୁଁ ସେ ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା । ସାତ୍ତ୍ୱିକ ସଂସ୍କାର ନେଇ ଜନ୍ମ ହୋଇଥିବାରୁ ଶବରୀ ଅଧିକ ଦିନ ପରିବାରରେ ବଂଶାନୁଗତ ତାମସିକତା ସହି ପାରିଲା ନାହିଁ ଏବଂ ଦିନେ ଯେତେବେଳେ ପରିବାରରେ ତା'ର ବିବାହ ହେତୁ ଜବରଦସ୍ତି କରାଗଲା ତ ସେ ଘର ଛାଡ଼ି ପଳାଇଲା ଏବଂ ବୁଲି ବୁଲି ଋଷି ମତଙ୍ଗଙ୍କ ଆଶ୍ରମରେ ଯାଇ ପହଞ୍ଚିଥିଲା ଓ ତାଙ୍କ କୃପାଛାୟା ତଥା ସଂରକ୍ଷଣରେ ଜୀବନଯାପନ କରିବାରେ ଲାଗିଲା ।

ଦୀର୍ଘକାଳୀନ ପ୍ରତୀକ୍ଷା ପରେ ସେହି ଦିନ ଆସି ପହଞ୍ଚିଗଲା ଯାହା ଭକ୍ତିମତୀ ଶବରୀ ପାଇଁ ବିଶିଷ୍ଟ ଥିଲା । ତା'ର ବର୍ଷ ବର୍ଷର ତପ ଫଳିତ ହେବାକୁ ଯାଉଥିଲା । ପ୍ରତିଦିନ ଭଳି ଏବରୀ ସକାଳୁ ମାର୍ଗ ସଫା କରୁଥିଲା ଓ ମଝିରେ ମଝିରେ ନିଜର ବୁଢ଼ୀ ଆଖିରେ ବନ ମୁଣ୍ଡକୁ ଦେଖୁଥିଲା । ନିଜ ଧ୍ୟାନରେ ରମଣ କରି ସେ କୁଡ଼ିଆରେ ବସିଥିବା ବେଳେ କାହାର ପଦଚାପରେ ସେ ଚମକି ପଡ଼ିଲା ଓ ବାହାରକୁ ବାହାରି ଆସିଲା । ଭଗବାନ ରାମ ବନରୁ ବାହାରି ପ୍ରକୃତିର ସୌନ୍ଦର୍ଯ୍ୟକୁ ଚାହିଁ ଚାହିଁ ଠିକ୍ ସେହି ମାର୍ଗରେ ଶବରୀକୁ ଭେଟିବା ପାଇଁ ପହଞ୍ଚିଲେ ।

ପ୍ରଭୁଙ୍କୁ ନିଜ ସମକ୍ଷରେ ପାଇ ଶବରୀ ଭାବବିହ୍ୱଳରେ ଠିଆ ହୋଇ ରହିଲା । ହୃଦୟର ଭାବ ଆଖିରୁ ଅଶ୍ରୁ ହୋଇ ଝରିବାରେ ଲାଗିଲା । ଏହି ଦୃଶ୍ୟ ଉପରେ ତା'ର ବିଶ୍ୱାସ ହେଉ ନ ଥିଲା । ନିଜର ଗୁରୁ ଋଷି ମତଙ୍ଗଙ୍କୁ ସ୍ମରଣ କରି ନିଜ ଆଖିକୁ ମଳିମଳି ଶବରୀ ବାରମ୍ବାର ପ୍ରଭୁ ଶ୍ରୀରାମଙ୍କୁ ଦେଖୁଥିଲା, ଭାବୁଥିଲା ଏହା ମୋର କୌଣସି କଳ୍ପନା ତ ନୁହେଁ । ଭଗବାନ ରାମ ସ୍ନେହରେ ଶବରୀର ଅଶ୍ରୁ ପୋଛି କହିଲେ "ଶବରୀ ! ଆମେ ଏବେ ଭୋକିଲା ଅଛି । ତୁମେ କ'ଣ ଆମକୁ କିଛି ଖୁଆଇବ ନାହିଁ ?

ଶବରୀକୁ ଏବେ ସମ୍ପୂର୍ଣ୍ଣ ବିଶ୍ୱାସ ହୋଇଗଲା ଯେ ଏସବୁ ଯଥାର୍ଥ ସତ୍ୟ । ସେ ନିଜର ପ୍ରଭୁଙ୍କୁ ଧରିପକାଇ କଇଁକଇଁ ହୋଇ କାନ୍ଦିବାରେ ଲାଗିଲା ଏବଂ ପରବର୍ତ୍ତୀ କ୍ଷଣରେ ଧାଇଁଯାଇ ନିଜ କୁଡ଼ିଆରୁ ଫଳ ଆଣିଲା । ଭଗବାନ ରାମଙ୍କ ସହିତ ଆସିଥିବା ଭ୍ରାତା ଲକ୍ଷ୍ମଣଙ୍କୁ କୁଡ଼ିଆର ପ୍ରାଙ୍ଗଣରେ ସେ ବସାଇଲା ଓ ସେବା ହେତୁ ତତ୍ପର ହୋଇଗଲା ।

ଭଗବାନ ରାମ ଆଖପାଖ କ୍ଷେତ୍ରକୁ ଆଶ୍ଚର୍ଯ୍ୟରେ ଦେଖିବାରେ ଲାଗିଲେ । ସେଠାରେ ଲାଗିଥିବା ସବୁ ଫୁଲ ଫୁଟିଥିଲା, ଗୋଟିଏ ବି ମଉଳି ନ ଥିଲା । ପ୍ରତ୍ୟେକରୁ ମଧୁର ଓ ମନ୍ଦ ମନ୍ଦ ସୁଗନ୍ଧ ବାହାରୁଥିଲା । ଜିଜ୍ଞାସାବଶତଃ ସେ ଶବରୀକୁ ଏହାର କାରଣ ପଚାରିବାରୁ ସେ କହିଲା– "ଭଗବାନ୍ ! ଏହା ପଛରେ ଏକ ଘଟଣା ଅଛି । ଏଠାରେ ଦୀର୍ଘ ସମୟ ପୂର୍ବେ ମତଙ୍ଗ ଋଷିଙ୍କ ଆଶ୍ରମ ଥିଲା । ବହୁତ ଋଷି-ମୁନି ଓ ବିଦ୍ୟାର୍ଥୀ ରହୁଥିଲେ ।

ଥରେ ଚାତୁର୍ମାସ ସମୟରେ ଆଶ୍ରମର ଇନ୍ଧନ ସମାପ୍ତ ପ୍ରାୟ ଥିଲା ବର୍ଷା ପ୍ରାରମ୍ଭ ହେବା ପୂର୍ବରୁ ଇନ୍ଧନ ଆଣିବା ଆବଶ୍ୟକ ଥିଲା, କିନ୍ତୁ ଆଳସ୍ୟବଶତଃ ବିଦ୍ୟାର୍ଥୀମାନେ କାଠ ଆଣିବାକୁ ଯାଉ ନ ଥିଲେ ଦିନେ ସ୍ୱୟଂ ବୃଦ୍ଧ ମତଙ୍ଗ ନିଜ କାନ୍ଧ ଉପରେ କୁରାଢ଼ି ରଖି କାଠ କାଟିବାକୁ ଚାଲିଗଲେ । ଗୁରୁଙ୍କୁ ଯିବାର ଦେଖି ବିଦ୍ୟାର୍ଥୀମାନେ ବି ତାଙ୍କ ପଛରେ ଚାଲିଲେ ।

କାଠ କାଟୁ କାଟୁ ଆଚାର୍ଯ୍ୟଙ୍କ ଶରୀରରୁ ଝାଳ ବାହାରିଲା । ବିଦ୍ୟାର୍ଥୀମାନେ ମଧ୍ୟ ଝାଳରେ ଜୁଡୁବୁଡୁ ହୋଇଗଲେ । ସେତେବେଳେ ଯେଉଁ ଯେଉଁ ସ୍ଥାନରେ ସେହି ଶ୍ରମ ବିନ୍ଦୁ ପଡ଼ିଥିଲା, ସେହି ସେହି ସ୍ଥାନରେ ସୁନ୍ଦର ଫୁଲ ଫୁଟିଗଲା, ଯାହା ବଢ଼ି ବଢ଼ି ଆଜି ସାରା ବନରେ ବ୍ୟାପିଯାଇଛି । ସେମାନଙ୍କର ପୁଣ୍ୟ ପ୍ରଭାବ ଯୋଗୁଁ ସେଗୁଡ଼ିକ ଯଥାବତ୍ ରହିଛି । ମଉଳିଯାଇ ନାହିଁ ।

ଏହା ଶୁଣି ଭଗବାନ ଶ୍ରୀରାମ ନିଜ ସ୍ଥାନରୁ ଉଠିଲେ ଓ ଆଶ୍ରମ ଦିଗକୁ ବୁଲିପଡ଼ି ଅଭିବାଦନ ମୁଦ୍ରାରେ ଠିଆ ହୋଇ ଲକ୍ଷ୍ମଣଙ୍କୁ ସମ୍ବୋଧିତ କରି କହିଲେ– ''ଭାଇ ! ଶ୍ରମଜୀବୀର ଶରୀରରୁ ବାହାରୁଥିବା ଝାଳ ହିଁ ସଂସାରର ପୋଷଣ କରିଥାଏ ଏବଂ ଜୀବନ ଯାପନର ଅନୁକୂଳ ସ୍ଥିତି ଉତ୍ପନ୍ନ କରିଥାଏ । ସେଥିପାଇଁ ଋଷି ମତଙ୍ଗଙ୍କର ଏହି ପୁରୁଷାର୍ଥକୁ ପ୍ରଣାମ କର ।

ଶବରୀର କଲ୍ୟାଣ କରି, ତା' ଠାରୁ ବିଦାୟ ନେଇ ଭଗବାନ ରାମ ତା'ର ବାସସ୍ଥାନ ଠାରୁ କିଛି ଦୂର ଚାଲିଯିବା ପରେ ଅନୁଜ ଲକ୍ଷ୍ମଣ ଶବରୀର ଅତିଥି ସତ୍କାର ଉପରେ ପ୍ରଶ୍ନ କଲେ- ''ଭାଇ ! ଅତିଥ୍ୟ ସତ୍କାରର ଏହି ଢଙ୍ଗ ତ କଦାପି ଉଚିତ ନ ଥିଲା । ଆପଣ ସେଇ ବୃଦ୍ଧା ହାତରୁ ତା'ର ଅଇଁଠା କାହିଁକି ଗ୍ରହଣ କଲେ ? ଭଗବାନ ମୃଦୁ ହସିଲେ ଓ କହିଲେ- ''ଲକ୍ଷ୍ମଣ ! ତାହା ଫଳ ନୁହେଁ, ଶବରୀର ଅନନ୍ୟ ଭାବ ଥିଲା, ଯାହା ତା'ର ଭକ୍ତି ଦ୍ୱାରା ବର୍ଷ ବର୍ଷ ଧରି ସିଞ୍ଚିତ ହୋଇ ଶ୍ରଦ୍ଧାର ମଧୁରତାରେ ପକ୍ୱ ହୋଇଯାଇଥିଲା ଏବେ ତୁମେ କୁହ, ମୁଁ ତା'ର ଉପେକ୍ଷା କିପରି କରି ପାରିଥାନ୍ତି ? ଭଗବାନଙ୍କ ଲୀଳା ପ୍ରସଙ୍ଗ ପ୍ରମାଣିତ କରି ଦେଇଥିଲା ଯେ ସେ ବସ୍ତୁର ନୁହେଁ, ବରଂ ଭାବର ଭୋକିଲା ହୋଇଥାନ୍ତି ।

## ହୃତପିଣ୍ଡକୁ ସୁସ୍ଥ ରଖେ ସକାରାତ୍ମକ ମାନସିକତା

ହୃତ୍‌ପିଣ୍ଡ ବା ହାର୍ଟ ଆମ ଶରୀରର ଏକ ପ୍ରମୁଖ ଅଙ୍ଗ । ଏହା ସୁସ୍ଥ ରହିଲେ ଆମେ ନୀରୋଗ ରହିବା । ଶରୀରରେ ରକ୍ତ ସଞ୍ଚାଳନରେ ବ୍ୟାଘାତ ସୃଷ୍ଟି ହେଲେ ତାହାର ପ୍ରଭାବ ହାର୍ଟ ଉପରେ ପଡ଼ିଥାଏ । ତା'ସହ ଡାଇବେଟିସ୍, ରକ୍ତଚାପ ଆଦି ସମସ୍ୟା ଏବଂ ନିଶାଦ୍ରବ୍ୟ ସେବନ ପାଇଁ ହୃଦ୍‌ଘାତ ହେବାର ଆଶଙ୍କା ରହିଛି । ତେବେ ହାର୍ଟ କିପରି ସୁସ୍ଥ ରହିବ, ସେ ବିଷୟରେ ଆମେ ସଚେତନ ହେବା ନିହାତି ଜରୁରୀ । ଏ ନେଇ ଏକ ସରଳ ତଥା ସହଜ ଉପାୟ ରହିଛି । ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି, ତେବେ ତାଙ୍କର ହାର୍ଟ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବ । 'ସକାରାତ୍ମକ ମାନସିକତା ଏବଂ ସୁସ୍ଥ ହାର୍ଟ' ଶୀର୍ଷକ ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ହୃଦଶଲ୍ୟ ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ । ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା । ଏଥିରୁ ଜଣାପଡ଼ିଥିଲା ଯେ, ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଛି, ସେମାନଙ୍କର ହାର୍ଟ ଅଧିକ ସକ୍ରିୟ ଭାବରେ କାମ କରୁଛି । ତେଣୁ ଜଣେ ବ୍ୟକ୍ତି ଯେତେସମ୍ଭବ ନିଜକୁ ଚାପମୁକ୍ତ ରଖିବା ସହ ନିଜର ମାନସିକତାକୁ ସକାରାତ୍ମକ ରଖିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି ।



# ସାମ୍ବାଦିକ ଶିବ ତ୍ରିପାଠୀଙ୍କ ପରଲୋକ

ସମ୍ବଲପୁର: ସାମ୍ବାଦିକ, ସାହିତ୍ୟିକ, ଲେଖକ ତଥା ସ୍ତମ୍ଭକାର ଶିବ ପ୍ରସାଦ ତ୍ରିପାଠୀଙ୍କ ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ସେ ଯକୃତଜନିତ ରୋଗରେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ । ବରଗଡ଼ ବିକାଶ ହସପିଟାଲର ଜୀବନରକ୍ଷାକାରୀ ବ୍ୟବସ୍ଥା (ଆଇସିୟୁ)ରେ ୮ ଦିନ ଚିକିତ୍ସା କଳାପରେ ମଧ ସ୍ୱାସ୍ଥ୍ୟାବସ୍ଥାରେ ଆଦୌ ଉନ୍ନତି ପରିଲକ୍ଷିତ ନ ହେବାରୁ ଡାକ୍ତର ତାଙ୍କୁ ଘରକୁ ନେଇଯିବାକୁ ପରାମର୍ଶ ଦେଇଥିଲେ । ତାଙ୍କୁ ଘରକୁ ଫେରାଇ ଅଣାଯିବାର କିଛି ଘଣ୍ଟା ପରେ ସ୍ଥାନୀୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

କିଛି ବର୍ଷ ତଳୁ ତାଙ୍କ ପତ୍ନୀଙ୍କ ଦେହାନ୍ତ ହୋଇସାରିଛି । ତାଙ୍କ ପୁଅ ସୁରଜ ପ୍ରକାଶ, ଝିଅ ସୁମନ, ବୋହୂ, ଜ୍ୱାଇଁ, ଦୁଇ ଭାଇ ତ୍ରିଲୋଚନ ଓ ପଞ୍ଚାନନ ଏବଂ ନାତିନାତୁଣୀ ଅଛନ୍ତି । ସ୍ଥାନୀୟ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୁଅ ସୁରଜ ମୁଖାଗ୍ନି ଦେଇଥିଲେ । ଶ୍ରୀ ତ୍ରିପାଠୀଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକପ୍ରକାଶ ପାଇଛି । ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଡକ୍ଟର ଶଙ୍କର ପ୍ରସାଦ ପତି, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡର ପୂର୍ବତନ ସଭାପତି ସଦାଶିବ ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରଘୁନାଥ ମେହେର, ପ୍ରଫୁଲ୍ଲ କୁମାର ହୋତା, ଡକ୍ଟର ଶ୍ୟାମସୁନ୍ଦର ଧର, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଂଜୟ କୁମାର ବାବୁ ଓ ଉଦ୍ଧବ ମହାପାତ୍ରଙ୍କ ସହିତ ସମ୍ବଲପୁରର ବହୁ ବିଶିଷ୍ଟ ବ୍ୟକ୍ତି, ସାମ୍ବାଦିକ ଓ ସ୍ୱେଚ୍ଛାସେବୀ ତାଙ୍କ ବାସଭବନ ଓ ସ୍ୱର୍ଗଦ୍ୱାରକୁ ପହଞ୍ଚି ଶେଷଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଶ୍ରୀ ତ୍ରିପାଠୀ ୧୯୫୨ ମସିହାରେ ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନାରେ ଜଳମଗ୍ନ ଲବଙ୍ଗା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । କିନ୍ତୁ ସମ୍ବଲପୁର ଥିଲା ତାଙ୍କ କର୍ମଭୂମି । ସେ ବିଭିନ୍ନ ସମ୍ବାଦପତ୍ରର ସହସମ୍ପାଦକ, ବାର୍ତ୍ତା ସମ୍ପାଦକ, ପରିଚାଳନା ସମ୍ପାଦକ ଓ ସମ୍ପାଦକ ତଥା ସମ୍ବାଦଦାତା ଭାବରେ ସେ ଦୀର୍ଘ ୪୦ ବର୍ଷ କାର୍ଯ୍ୟ କରିଥିଲେ । ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ୧୮ଟି ପ୍ରବନ୍ଧ, ଗଳ୍ପ କବିତା, ରମ୍ୟରଚନା ଓ ସମ୍ବାଦଧର୍ମୀ ଫିଚର ଲେଖୁଛନ୍ତି । ସମ୍ବଲପୁରର ବହୁ ସାମାଜିକ, ସାଂସ୍କୃତିକ, ଆଧାତ୍ମିକ, ସାମ୍ବାଦିକ ତଥା କୃଷକ ସଙ୍ଗଠନର ସହ ଜଡ଼ିତ ଥିଲେ । ସ୍ୱର୍ଗତ ତ୍ରିପାଠୀ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ, ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡର ପୂର୍ବତନ ସଭାପତି, ପଞ୍ଚଶାସନୀ ବ୍ରାହ୍ମଣ, ସମାଜର ପୂର୍ବତନ କାର୍ଯ୍ୟକାରୀ ସଭାପତି, ଆଇଏଫଡବ୍ଲୁଜେ ସମ୍ବଲପୁର ଜିଲ୍ଲା ଶାଖାର ପୂର୍ବତନ ସଭାପତି ତଥା ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଥିଲେ । ତାଙ୍କ ପ୍ରକାଶିତ ପୁସ୍ତକଗୁଡ଼ିକ ମଧ୍ୟରେ 'ସମ୍ବାଦପତ୍ରର ବିକାଶ ଓ ସାମ୍ବାଦିକତା', 'କାଳଜୟୀ ମହତାବ', 'ମେହେର ସାହିତ୍ୟ ସମ୍ବାଦ', 'କରୁଣାମୟୀ ସମଲେଶ୍ୱରୀ', 'ସମ୍ବଲପୁରରେ ଓଡ଼ିଆ ଭାଷାର ଉଚ୍ଛେଦ ଓ ପୁନଃ ପ୍ରଚଳନ', 'ଭାଷାପ୍ରେମୀ ଶ୍ରୀପତି ମିଶ୍ର', 'ପୁସ୍ତକ ପ୍ରକାଶନ ବିଧି ଅନ୍ୟତମ । ସେ 'ମଙ୍ଗଳୁ ଚରଣ ରଚନାବଳୀ' ଓ 'ରାମଚନ୍ଦ୍ରନାଥ ଗ୍ରନ୍ଥାବଳୀର ସଙ୍କଳକ ମଧ ଥିଲେ ।

# 'ବିଶ୍ୱ ଶାନ୍ତି ମହିମା ବାଲ୍ୟଲୀଳା' ପ୍ରସ୍ତୁତି ବୈଠକ

ବରଗଡ଼ : ବରଗଡ଼ ଜିଲ୍ଲାର ସୋହେଲା, ହଲଦିପାଲି, ପିପିଲିପାଲି ସ୍ଥିତ ମହିମା ଆଶ୍ରମରେ ଆସନ୍ତା ବୈଶାଖୀ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ବିଶ୍ୱଶାନ୍ତି ମହିମା ବାଲ୍ୟଲୀଳା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବ୍ରହ୍ମ ଅବଧୂତ ବୀରେନ୍ଦ୍ର ବାବାଙ୍କ ଅଧକ୍ଷତାରେ ତଥା ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ହୋଇଛି । ସୋହେଲା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଟେକଚାନ୍ଦ ଦୁଆନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ହଲଦିପାଲିର ତୀର୍ଥବାସୀ ନାଏକ, ବିବେକା ନାଏକ, ପିପିଲି ପାଲିର ନିମାଇଁଚରଣ ଭୋଇ, ହଳଧର ବିଶ୍ୱାଳ, ମନୋଜ ବିଶ୍ୱାଳ, କେଦାରନାଥ ସାହୁ, କାମରାଜ ପ୍ରଧାନ, ସୁଦାମ ସାହୁ, ରାଜେନ୍ଦ୍ର ସିଂ, ଅମିୟ ସାହୁଙ୍କ ସହ ବହୁ ମହିମା ଭକ୍ତ ଉପସ୍ଥିତ ଥିଲେ । ଗତଦୁଇ ବର୍ଷ ହେଲା କୋଭିଡ କଟକଣା ଯୋଗୁଁ କେବଳ ବିଧି ରକ୍ଷାରେ ପାଳିତ ହୋଇଥିଲା । ତୀର୍ଥବାସୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟୁତର ଲୁଚକାଲି ଖେଳ, ଉପଭୋକ୍ତା ଅସନ୍ତୋଷ

ସମ୍ବଲପୁର : ହୀରାକୁଦ ନଦୀବନ୍ଧରୁ ବିଦ୍ୟୁତ୍ ଉତ୍ପାଦନ ହେଉଥିଲେ ମଧ ହୀରାକୁଦ ନିକଟରେ ରହି ସମ୍ବଲପୁରବାସୀ ବାରମ୍ବାର ବିଦ୍ୟୁତ୍ ସମସ୍ୟାର ଶିକାର ହେଉଛନ୍ତି । ଏହି ଅଞ୍ଚଳରେ ଘୋଷିତ ଅପେକ୍ଷା ଅଘୋଷିତ ବିଦ୍ୟୁତ୍ କାଟ ଅଧିକ ହୋଇଥାଏ । ସେହିପରି ଲୋ ଭୋଲଟେଜ ସମସ୍ୟା ମଧ ରହିଛି । ତେଣୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରନ୍ତି । ଗ୍ରୀଷ୍ମଋତୁ ସମୟରେ ବିଶେଷ ବିଭ୍ରାଟ ଦେଖିବାକୁ ମିଳିଥାଏ ତେବେ ଆଗକୁ ଏହି ଋତୁ ଆସୁଥିବା ବେଳେ ବିଭିନ୍ନ ଆଳରେ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା କାଟ କରୁଛି । ଅଇଁଠାପାଲି ଛକ ସଂପ୍ରସାରଣ କାମ ଚାଲୁଛି ଏହାଦ୍ୱାରା ଟ୍ରାଫିକ ସମସ୍ୟା ଦୂର ହେବ । ତେବେ ରାସ୍ତା ସଂପ୍ରସାରଣ ଯୋଗୁଁ ଗଛକଟା ଓ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରଣ ଲାଗି ପ୍ରଥମ ଦିନ ୬ଘଣ୍ଟା ଘୋଷିତ ବିଦ୍ୟୁତ୍ କାଟ ହୋଇଥିଲା ଏହାପରେ ୮ଘଣ୍ଟିଆ ଘୋଷଣା କରି ଅଧିକ ୨ଘଣ୍ଟା ପରେ ବିଦ୍ୟୁତ୍ ସେବା ପ୍ରଦାନ କରାଗଲା । ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଦ୍ୟୁତ୍ ନଥିଲା । ଏହାପରେ ମଧ ବିଭିନ୍ନ ସ୍ଥାନରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି । ଓ୍ୱେଷ୍କୋ କମ୍ପାନୀ ଗଲାପରେ ଏଥିରେ ସୁଧାର ଆସିବ ବୋଲି ଉପଭୋକ୍ତାମାନେ ଆଶା କରୁଥିଲେ । ଟାଟା ଭଳି ବଡ଼ କମ୍ପାନୀ ଏହାର ଦାୟିତ୍ୱ ନେବା ପରେ ମଧ ସ୍ଥିତିରେ ସୁଧାର ଆସିନାହିଁ । ଆଗକୁ ମାର୍ଚ୍ଚ ମାସ ଆସୁଥିବାରୁ କମ୍ପାନୀ ବକେୟା ବିଦ୍ୟୁତ୍ ବିଲ ଆଦାୟରେ ଲାଗିଛି । ଏଥିପାଇଁ ଯୋଗାଣକାରୀ ସଂସ୍ଥା ବକେୟା ବିଲ ସହ ନୋଟିସ୍ ପ୍ରଦାନ କରିଛି । ଏହି ଆଧାରରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରୁଛି । ଯାହାକୁ ନେଇ ବିଭିନ୍ନ ସମୟରେ ଅସନ୍ତୋଷ ଦେଖାଯାଇଛି । ବଡବଜାର ଅଞ୍ଚଳବାସୀ ଏହାକୁ ନେଇ ବିଦ୍ୟୁତ୍ ଶାଖା କାର୍ଯ୍ୟାଳୟ ଘେରାଉ କରିବା ସହ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେହିପରି ଝାଡୁଆପଡ଼ା ଓ ନନ୍ଦପଡ଼ା ଠାରେ ମଧ ବିଦ୍ୟୁତ୍ ଦେୟ ଆଦାୟ କରିବାକୁ ଆସିଥିବା ବେଳେ ଟାଟା କମ୍ପାନୀର କର୍ମଚାରୀମାନେ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ ।

# ସାମ୍ବାଦିକ ପ୍ରିୟ ବାବୁଙ୍କ ଭ୍ରାତୃ ବିୟୋଗ

ସମ୍ବଲପୁର : ସମ୍ବଲପୁରର ଯୁବ ବ୍ୟବସାୟୀ ତଥା ସାମ୍ବାଦିକ ପ୍ରିୟ ରଂଜନ ବାବୁଙ୍କ ସାନ ଭାଇ ସମୀର ରଂଜନ ବାବୁ(୫୧)ଙ୍କ ପରଲୋକ ହୋଇଯାଇଛି । ସେ ଗଂଗାଧର ମେହେର ପ୍ରାତଃ ମହାବିଦ୍ୟାଳୟ ଛାତ୍ର ସଂସଦର ଉପସଭାପତି ଓ ସାହିତ୍ୟ ସଂସଦର ସମ୍ପାଦକ ଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ଚାକିରୀ ପଛରେ ନ ଗୋଡ଼େଇ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଥିଲେ । ଅଳ୍ପ ବୟସରୁ ବ୍ୟବସାୟରେ ମନୋନିବେଶ କରି ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଭାବରେ ନିଜ ପରିଚୟ ସୃଷ୍ଟି କରିପାରିଥିଲେ । ସେ ଜଣେ ସଫଳ ଚାଷୀ ଓ ଉଦ୍ୟାନ କୃଷିବିତ୍ ମଧ ଥିଲେ । ଶୀତଳଷଷ୍ଠୀ ଯାତ୍ରା କମିଟି, ସାର୍ବଜନୀନ ଦୁର୍ଗାପୂଜା କମିଟି, ଜିଲ୍ଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ, ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ସଂଗଠନ ସହିତ ଓତଃପ୍ରୋତ ଭାବରେ ସେ ଜଡ଼ିତ ଥିଲେ । ସେ ତାଙ୍କ ପଛରେ ମା, ପତ୍ନୀ ଓ ଦୁଇ ଝିଅଙ୍କୁ ଛାଡ଼ି ଯାଇଛନ୍ତି । ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ସ୍ଥାନୀୟ ରାଜଘାଟରେ ତାଙ୍କ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଯାଇଛି ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra


# ଦେବେଶ ଭଟ୍ଟାଚାର୍ଜୀଙ୍କ ବିରଳ କୃତିତ୍ୱ

ଝାରସୁଗୁଡ଼ା : ଏନ.ସି.ଇ.ଆର.ଟି.ଦ୍ୱାରା ଆୟୋଜିତ ଜାତୀୟ ମେଧା ଅନ୍ୱେଷଣ ପରୀକ୍ଷା ଷ୍ଟେଜ-୨ ତଥା ଫାଇନାଲ ପରୀକ୍ଷାରେ ଡିଏଭି ପବ୍ଲିକ ସ୍କୁଲରେ ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ବିଜ୍ଞାନ ବିଭାଗର ମେଧାବୀ ଛାତ୍ର ଦେବେଶ ଭଟ୍ଟାଚାର୍ଜୀ ପ୍ରଶଂସନୀୟ ସଫଳତା ହାସଲ କରିବା ସହିତ ବିଦ୍ୟାଳୟର ଗୌରବ ଆଣିଛନ୍ତି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସ୍ତରରେ ମେଧାବୀ ଛାତ୍ରଛାତ୍ରୀମାନେ ଷ୍ଟେଜ-୧ ପରୀକ୍ଷା ଦେଇଥିଲେ ଏବଂ ତନ୍ମଧ୍ୟରୁ ଚୟନ ହୋଇଥିବା ଛାତ୍ରଛାତ୍ରୀ ଜାତୀୟ ସ୍ତରରେ ଆୟୋଜିତ ହୋଇଥିବା ଦ୍ୱିତୀୟ ତଥା ଫାଇନାଲ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ୫୦ ଟି ମୁଖ୍ୟ ସହରର ୬୮ଟି ପରୀକ୍ଷା କେନ୍ଦ୍ରରେ ଏହି ଜାତୀୟ ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ମେଧାବୀ ବିଜ୍ଞାନ ଛାତ୍ର ଦେବେଶ ଭଟ୍ଟାଚାର୍ଜୀ ଦ୍ୱିତୀୟ ତଥା ଫାଇନାଲ ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇ ଜାତୀୟ ମେଧାବୀ ତାଲିକାରେ ସ୍ଥାନିତ ହେବା ସହ ଛାତ୍ରବୃତ୍ତି ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି । ଦେବେଶ ଝାରସୁଗୁଡ଼ା ଏୟାର ପୋର୍ଟରେ କାର୍ଯ୍ୟରତ ଦୀପକ ଭଟ୍ଟାଚାର୍ଜ ଓ ଗୃହିଣୀ ରୁମ୍ପା ଭଟ୍ଟାଚାର୍ଜଙ୍କ ପୁଅ ଅଟନ୍ତି ଓ ସେ ଭବିଷ୍ୟତରେ ଜଣେ ଡାକ୍ତର ହେବାର ଲକ୍ଷ୍ୟ ରଖିଛନ୍ତି । ଦେବେଶଙ୍କ ଏହି ବିରଳ ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ବିଭାଗୀୟ ପର୍ଯ୍ୟବେକ୍ଷିକା ନୀଳିମା ପଟେଲ, ପଞ୍ଚାନନ ପଟେଲ, ଦେବାଶିଷ ଶ୍ୟାମଲ, ସୁବାସ ଚନ୍ଦ୍ର ମିଶ୍ର, ଅଲେଖି ବିହାରୀ ସାହୁ, ବିଜୟ କୁମାର ଦାଶ, ସୋନୁ କୁମାର, ଆଲୋକ କୁମାର କାହାଳୀ, ଦୀପେଶ୍ୱର ନାଏକ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶୁଭେଚ୍ଛୁ ଅଭିଭାବକ, ସହପାଠୀବୃନ୍ଦ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଯୋଗ୍ୟ, ଗତ ଶିକ୍ଷାବର୍ଷରେ ମଧ ମେଧାବିନୀ ଅର୍ଚ୍ଚନା ନାଏକ ଏ ପ୍ରକାର ସଫଳତା ପ୍ରାପ୍ତ ହୋଇ ବିଦ୍ୟାଳୟ ଲାଗି ସୁନାମ ଆଣିଥିଲେ ।

# ସ୍ମୃତିରେ ହେମାନନ୍ଦ ବିଶ୍ୱାଳ

































Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra